## ସଂକ୍ଷେପରେ

### ବିଶେଷଜ୍ଞ ଡାକ୍ତରଙ୍କ ବଦଳିକୁ ନେଇ ଅସନ୍ତୋଷ

ବିରିଡ଼ି,୯।୮(ଡି.ଏନ.ଏ.): ବିରିଡ଼ି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ କାର୍ଯ୍ୟ କରୁଥିବା ସ୍ତ୍ରୀ ରୋଗ ବିଶେଷଜ୍ଞ ଡା. ପ୍ରଭାତ କୁମାର ଦାସଙ୍କୁ ଗତ ୩ ତାରିଖରୁ ଡେପୁଟେଶନରେ ଜଗତ୍‌ସିଂହପୁର ମୁଖ୍ୟ ଚିକିତ୍ସାଳୟକୁ ପଠାଇ ଦିଆଯାଇଛି। ଏହାକୁ ନେଇ ବିରିଡ଼ି ବ୍ଲକ ଅଞ୍ଚଳରେ ଜନ ଅସନ୍ତୋଷ ଦେଖାଦେଇଛି। ଏପରିକି ସ୍ଥାନୀୟ ଜନପ୍ରତିନିଧି, ବିଜେଡି ନେତା ଓ କର୍ମୀମାନେ ଏ ସମ୍ପର୍କରେ ତିର୍ତ୍ତୋଲ ବିଧାୟକ ବିଷ୍ଣୁ ଚରଣ ଦାସଙ୍କୁ ଭେଟି ସମ୍ପୃକ୍ତ ଡାକ୍ତରଙ୍କୁ ପୁର୍ନବାର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଫେରାଇ ଆଣିବାକୁ ଦାବି କରିଛନ୍ତି। ଏହା ନ ହେଲେ ଜନ ଆନ୍ଦୋଳନ ହେବ ବୋଲି ସେମାନେ ଜଣାଇଛନ୍ତି। ପ୍ରକାଶ ଯେ, ଏହି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ୨ ବର୍ଷ କାର୍ଯ୍ୟ କରି ଡା. ଦାସ ବେଶ ଲୋକପ୍ରିୟ ହୋଇପାରିଥିଲେ। ତାଙ୍କ ସ୍ଥାନରେ ନୂତନ ସ୍ତ୍ରୀ ରୋଗ ବିଶେଷଜ୍ଞ ଡାକ୍ତର ନିଯୁକ୍ତ ନ କରି ତାଙ୍କୁ ଜଗତ୍‌ସିଂହପୁର ସିଡିଏମଓ ଉଦ୍ଦେଶ୍ୟମୂଳକ ଭାବେ ବଦଳି କରିଛନ୍ତି ବୋଲି ସ୍ଥାନୀୟ ଜନସାଧାରଣ ଅଭିଯୋଗ କରିଛନ୍ତି। ଏ ସମ୍ପର୍କରେ ସିଡିଏମଓ ଡା. ଅଜୟ କୁମାର ବୈଠାରୁଙ୍କୁ ଫୋନ୍ ଯୋଗେ ଯୋଗାଯୋଗ କରାଯାଇଥିଲେ ମଧ ସେ ଫୋନ ଉଠାଇନାହାନ୍ତି।

### ସରପଞ୍ଚଙ୍କ ମିଥ୍ୟା ସତ୍ୟପାଠ ଦାଖଲ ଅଭିଯୋଗ

ବିରିଡ଼ି,୯।୮(ଡି.ଏନ.ଏ): ବଡିମୀରା ପଞ୍ଚାୟତର ସରପଞ୍ଚ ସ୍ୱର୍ଣ୍ଣଲତା ସେଠୀ ପଞ୍ଚାୟତ ନିର୍ବାଚନ ସମୟରେ ନାମଙ୍କପତ୍ର ଦାଖଲ ବେଳେ ମିଥ୍ୟା ସତ୍ୟପାଠ ଦାଖଲ କରିଥିବା ଅଭିଯୋଗ ହୋଇଛି। ସୂଚନା ଅନୁଯାୟୀ, ସରପଞ୍ଚ ସେଠୀ ଉକୁନ୍ଦରାଠାରେ ଥିବା ମା' ରାମଚଣ୍ଡୀ ବିଦ୍ୟା ନିକେତନରେ ୯ମ ଶ୍ରେଣୀ ପଢିଥିବା ଦର୍ଶାଇଥିଲେ। କିନ୍ତୁ ଏହି ପଞ୍ଚାୟତର ହେମନ୍ତ ରାଉତରାୟ, ୱାର୍ଡ ସଭ୍ୟ ସୁକାନ୍ତ ସାହୁ, ବିଭୂତି ଭୂଷଣ ଜେନା, ସୁଲୋଚନା ରାଉତ, ନମିତା ସାହୁ, ଡଲି ସିଂ, ଶାନ୍ତିଲତା ପଶାୟତ, ରେଣୁବାଳା ରାଉତଙ୍କ ସହ ପ୍ରଭାତ ଭୋଇ, ପ୍ରଶାନ୍ତ କୁମାର ଜେନା ପ୍ରମୁଖ ଏହା ଜାଣିବା ପରେ ମା' ରାମଚଣ୍ଡୀ ବିଦ୍ୟା ନିକେତନରୁ ସରପଞ୍ଚ ସେଠୀଙ୍କ ଶିକ୍ଷାଗତ ଯୋଗ୍ୟତା ସମ୍ପର୍କରେ ଆରଟିଆଇରେ ତଥ୍ୟ ମାଗିଥିଲେ। ଏଥିରେ ମିଳିଥିବା ତଥ୍ୟରେ ସରପଞ୍ଚ ସେଠୀ ଉକ୍ତ ବିଦ୍ୟାଳୟରେ ଆଦୌ ପଢି ନ ଥିବା ଦର୍ଶାଯାଇଛି। ତେଣୁ ସମ୍ପୃକ୍ତ ଜନସାଧାରଣ ଓ ୱାର୍ଡ ସଭ୍ୟ ସୋମବାର ଜଗତ୍‌ସିଂହପୁର ଜିଲାପାଳଙ୍କ ନିକଟରେ ଅଭିଯୋଗ କରିଛନ୍ତି। ଏ ସମ୍ପର୍କରେ ସରପଞ୍ଚ ସେଠୀଙ୍କ ପ୍ରତିକ୍ରିୟା ମିଳିପାରିନାହିଁ।

### ରାସ୍ତା ନିର୍ମାଣ ସାରିବାକୁ ଦାବି

ବାଲିଆ,୯।୮: ବିରିଡ଼ି ବ୍ଲକ ହାଜିପୁର ବଜାରଠାରୁ ଅଷ୍ଟସମ୍ଭୁ ପର୍ଯ୍ୟନ୍ତ ଗ୍ରାମ୍ୟ ଉନ୍ନୟନ ବିଭାଗ ରାସ୍ତା ବିପର୍ଯ୍ୟସ୍ତ ହୋଇପଡିଛି। ଏଥିଯୋଗୁ ହାଜିପୁର ଅଞ୍ଚଳବାସୀଙ୍କ ସହ ୨୨ ମୌଜାର ବହୁ ଲୋକ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏପରିକି ରାସ୍ତା ଖରାପ ଥିବାରୁ ଅଧିକାଂଶ ସମୟରେ ଛୋଟବଡ଼ ଦୁର୍ଘଟଣା ଘଟୁଛି। ତେଣୁ ଉକ୍ତ ରାସ୍ତା ନିର୍ମାଣ ପାଇଁ ସ୍ଥାନୀୟ ଲୋକେ ଦାବି କରିବା ପରେ ଗତ ୬ ମାସ ତଳେ ଜିଲା ଗ୍ରାମ୍ୟ ଉନ୍ନୟନ ବିଭାଗ ଦ୍ୱାରା ଟେଣ୍ଡର କରାଯାଇ ଠିକା ସଂସ୍ଥାକୁ କାମ ଦିଆଯାଇଥିଲା। କିନ୍ତୁ ସମ୍ପୃକ୍ତ ଠିକାଦାର ଅଦ୍ୟାବଧି କାର୍ଯ୍ୟ ଆରମ୍ଭ କରିନାହାନ୍ତି। ତୁରନ୍ତ ଉକ୍ତ ରାସ୍ତା ନିର୍ମାଣ କରିବା ପାଇଁ ସାମାଜିକ କର୍ମୀ ଅକ୍ଷୟ କୁମାର ଭୂୟାଁ, ସରପଞ୍ଚ ବିମଳ ସେଠୀ, ବିଷ୍ଣୁ ଚରଣ ମିଶ୍ର, ମିର ଆଜମିର ଅଲ୍ଲୀ, ରବୀନ୍ଦ୍ର ବେହେରା, କେଦାରନାଥ ମିଶ୍ର ଓ ଅନ୍ୟମାନେ ଦାବି କରିଛନ୍ତି।

### ଅଗଷ୍ଟ କ୍ରାନ୍ତି ଦିବସ

ଜଗତ୍‌ସିଂହପୁର ଅଫିସ,୯।୮: ଶୁକ୍ରବାର ସ୍ଥାନୀୟ ସ୍ୱାଧୀନତା ସଂଗ୍ରାମ ଅଳକା ଆଶ୍ରମ ସ୍ମୃତି ଭବନ ପରିଷଦରେ ଅଗଷ୍ଟ କ୍ରାନ୍ତି ଦିବସ ପାଳିତ ହୋଇଛି। ସଂଗ୍ରାମୀ ମାଧବାନନ୍ଦ ମନୋହରୀଙ୍କ ପୌରୋହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସ୍ୱାଧୀନତା ସଂଗ୍ରାମୀ ବିଶ୍ୱନାଥ ଦାସ, ସଂଗ୍ରାମୀ ଭାଗିରଥି ସ୍ୱାଇଁ, ଯୋଗେନ୍ଦ୍ରନାଥ ମହାରଣା, ପୂର୍ବତନ ପୌରାଧକ୍ଷ ବିପ୍ଳବ ଚୌଧୁରୀ, ଶିକ୍ଷାବିତ୍ ମହେନ୍ଦ୍ର ଆଚାର୍ଯ୍ୟ, ଆଇନଜୀବୀ ମୁରଲୀଧର ସାହୁ, ପ୍ରଦୀପ୍ତ କୁମାର ସାହୁ, ପ୍ରଶାନ୍ତ କୁମାର ମଲ୍ଲିକ, ସୁଦର୍ଶନ ବେହେରା, ଅବନିକାନ୍ତ ମହାରଣା, ନାଟ୍ୟକାର କୈଳାସ ମଲ୍ଲିକ, ଅଭିମନ୍ୟୁ ସ୍ୱାଇଁ, ଦ୍ୱାରିକାନାଥ ମହାପାତ୍ର ଓ ଶୈଳେନ୍ଦ୍ର ଦାସ ପ୍ରମୁଖ ଏହି ଦିବସର ତାତ୍ପର୍ଯ୍ୟ ସମ୍ପର୍କରେ କହିଥିଲେ।

# ଅଭିଯୋଗ ଅଜାଡ଼ିଲେ ପଞ୍ଚାୟତ ପ୍ରତିନିଧି

**ନାଉଗାଁ ପଞ୍ଚାୟତ ସମିତି ବୈଠକ**



ବୈଠକରେ ଉପସ୍ଥିତ ଏମ୍‌ପି, ବିଧାୟକ ଓ ଅନ୍ୟମାନେ।

- **ଯୋଗଦେଲେ ଏମ୍‌ପି, ବିଧାୟକ**
- **ପଞ୍ଚାୟତ ସମିତି କାର୍ଯ୍ୟାଳୟ, ସମ୍ମିଳନୀ କକ୍ଷ ଦେଖି ଏମ୍‌ପିଙ୍କ କ୍ଷୋଭ**
- **ରାସ୍ତାଘାଟ, ପାନୀୟଜଳ ଯୋଗାଣ ବିପର୍ଯ୍ୟସ୍ତ**

ନାଉଗାଁ,୯।୮(ସ୍ୱ.ପ୍ର.)

ନାଉଗାଁ ପଞ୍ଚାୟତ ସମିତି ସମ୍ମିଳନୀ କକ୍ଷରେ ଶୁକ୍ରବାର ୮ମ ପଞ୍ଚାୟତ ସମିତି ବୈଠକ ଅନୁଷ୍ଠିତ ହୋଇଛି। ପଞ୍ଚାୟତ ସମିତି ଅଧ୍ୟକ୍ଷ ଜଗନ୍ନାଥ ଦାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ଜଗତ୍‌ସିଂହପୁର ଏମ୍‌ପି ଡା. ରାଜଶ୍ରୀ ମଲ୍ଲିକ, ବିଧାୟକ ପ୍ରଶାନ୍ତ ମୁଦୁଲି, ବିଡିଓ ରଶ୍ମିରେଖା ମଲିକ, ଜିଲା ପରିଷଦ ଉପାଧ୍ୟକ୍ଷ ଲିଙ୍ଗରାଜ ସ୍ୱାଇଁ, ପଞ୍ଚାୟତ ସମିତି ଉପାଧ୍ୟକ୍ଷା ମାମିନା ଦଳାଇ, ଜିଲା ପରିଷଦ ସଭ୍ୟ ସୁବଳ ବେହେରା, ଜିପିଓ ଦିନେଶ ରାୟ, ଅତିରିକ୍ତ ତହସିଲଦାର ନେତ୍ରାନନ୍ଦ ବେହେରାଙ୍କ ସହ ପଞ୍ଚାୟତ ପ୍ରତିନିଧି ଓ ପ୍ରଶାସନିକ ଅଧିକାରୀମାନେ ଉପସ୍ଥିତ ଥିଲେ। ଏମ୍‌ପି ଡା. ମଲ୍ଲିକ ପ୍ରଥମଥର ଏହି ବୈଠକରେ ଯୋଗ ଦେଇଥିବାବେଳେ ପଞ୍ଚାୟତ ସମିତି କାର୍ଯ୍ୟାଳୟ ଓ ବ୍ଲକକୁ ସଂଯୋଗ କରୁଥିବା ବାଲିଭଉଁରୀ-ଶିଖରଘାଟ ରାସ୍ତା ବିପର୍ଯ୍ୟସ୍ତ ହୋଇପଡିଥିବା ଦେଖି ଅସନ୍ତୋଷ ପ୍ରକାଶ କରିଥିଲେ। ଅନ୍ୟ ବ୍ଲକରେ ପଞ୍ଚାୟତ ସମିତି କାର୍ଯ୍ୟାଳୟ ଓ ସମ୍ମିଳନୀ କକ୍ଷ ଆକର୍ଷଣୀୟ ହୋଇଥିବାବେଳେ ନାଉଗାଁରେ ସେଭଳି ହୋଇ ନ ଥିବା ଦେଖି ପୂର୍ବରୁ ଏଠାରେ ଥିବା ରାଜନେତା ଓ ପ୍ରଶାସନିକ ଅଧିକାରୀ କିପରି କାର୍ଯ୍ୟ କରୁଥିଲେ ବୋଲି ପ୍ରଶ୍ନ ଉଠାଇଥିଲେ। ଏଥିସହ ପଞ୍ଚାୟତ ସମିତି କାର୍ଯ୍ୟାଳୟ, ସମ୍ମିଳନୀ କକ୍ଷ ଓ ପଞ୍ଚାୟତ ଅଫିସଗୁଡିକର ଉନ୍ନତିକରଣ ପାଇଁ ସେ ସହଯୋଗ କରିବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଏ ପରିକି ସରକାରୀ ଯୋଜନାର ସଫଳ ରୂପାୟନ ପାଇଁ ମୁଖ୍ୟମନ୍ତ୍ରୀଙ୍କ ୫ଟି ସୂତ୍ର କାର୍ଯ୍ୟକାରୀ କରିବାକୁ ସେ ପରାମର୍ଶ ଦେଇଥିଲେ। ପରେ ବିଧାୟକ ମୁଦୁଲି ସରକାରଙ୍କ ଅନୁଦାନ ଅର୍ଥ କିପରି ସାଧାରଣ ଜନତାଙ୍କ ଉପକାରରେ ବିନିଯୋଗ ହେବ ସେଥିପ୍ରତି ପଞ୍ଚାୟତ ପ୍ରତିନିଧି ଯତ୍ନବାନ ହେବାକୁ କହିଥିଲେ। ବିଶେଷକରି ସମସ୍ତ ସରକାରୀ ଯୋଜନାର ସଫଳ ରୂପାୟନ କରି ଏକ ଉନ୍ନତ ପଞ୍ଚାୟତ ଗଢିବାକୁ ସେ ଆହ୍ୱାନ ଦେଇଥିଲେ। ଏହି ଅବସରରେ ବିଭିନ୍ନ ପଞ୍ଚାୟତର ଜନପ୍ରତିନିଧିମାନେ ଅନେକ ଅଭିଯୋଗ ଉପସ୍ଥାପନ କରିଥିଲେ।

ବୈଠକରେ ପ୍ରଥମେ ବ୍ଲକ କୃଷି ଅଧିକାରୀ ନିର୍ମାଲ୍ୟ ନାୟକ ତଥ୍ୟ ରଖିଥିଲେ। ଚଳିତବର୍ଷ ବ୍ଲକର ୬ଟି ସମବାୟ ସମିତି ମାଧ୍ୟମରେ ୪୯୦ କୁଇଣ୍ଟାଲ ଉନ୍ନତମାନର ବିହନ ବଣ୍ଟନ ହୋଇଛି। ଏଥିସହ ବିହନ ବିଶୋଧନ ପାଇଁ ୧୬ ପଞ୍ଚାୟତରେ ସଚେତନତା ଅଭିଯାନ କରାଯାଇଥିବା ସେ ପ୍ରକାଶ କରିଥିଲେ। ଅନ୍ୟପକ୍ଷରେ କୃଷି ବିଭାଗର କୌଣସି କର୍ମଚାରୀ ପଞ୍ଚାୟତ ବୈଠକକୁ ଯାଉ ନ ଥିବା ଜାମୁଗାଁ ସମିତି ସଭ୍ୟ ରୁଦ୍ର ପ୍ରସାଦ ପ୍ରଧାନ ଅଭିଯୋଗ କରିଥିଲେ। ମୁଗ ବିହନ ବଣ୍ଟନ ହେଉ ବା କୃଷି ସମ୍ବନ୍ଧୀୟ କୌଣସି କାର୍ଯ୍ୟ ହେଉ ପଞ୍ଚାୟତ ପ୍ରତିନିଧିଙ୍କୁ ଅବଗତ କରାଯାଉ ନ ଥିବା ଅଲଣା ସମିତି ସଭ୍ୟ ମନ୍ମଥ ଓଝା, ରୋହିଆ ସମିତି ସଭ୍ୟ ପଦ୍ମଚରଣ ରାଉତ, ସରପଞ୍ଚ ଶିବ ପ୍ରସାଦ ନାୟକ ଅଭିଯୋଗ ଉଠାଇଥିଲେ। ଘୋଡାଂଶ ନିକଟରେ ଅଟକିଥିବା ୧୯-ଏ କେନାଲ ଖନନ କରି ବାଂଶ, ଡେରିକି ପର୍ଯ୍ୟନ୍ତ ନେବାକୁ ଦାବି କରାଯାଇଥିଲା। ପରେ କୃଷି ଅଧିକାରୀ ନାୟକ କାଳିଆ ଯୋଜନା ସମ୍ପର୍କରେ ତଥ୍ୟ ରଖିଥିଲେ। ଯୋଗାଣ ବିଭାଗ ଦାୟିତ୍ୱରେ ଥିବା ଅଧିକାରୀ ବାଲିକୁଦା ଓ ନାଉଗାଁ ୨ ବ୍ଲକ ଦାୟିତ୍ୱରେ ଥିବାରୁ ଅଧିକାଂଶ ସମୟ ନାଉଗାଁ ଆସୁ ନ ଥିବା ଅଭିଯୋଗ ହୋଇଥିଲା। ପରେ ଯୋଗାଣ ଅଧିକାରୀ ବିଜୟ ସିଂ ତଥ୍ୟ ଉପସ୍ଥାପନ କରିଥିଲେ। ଅନେକ ଯୋଗ୍ୟ ହିତାଧିକାରୀ ଖାଉଟି କାର୍ଡ ପାଇ ନ ଥିବାରୁ ତୁରନ୍ତ ତଦନ୍ତ କରି ରିପୋର୍ଟ ଦେବାକୁ ବିଧାୟକ ନିର୍ଦ୍ଦେଶ ଦେଇଥିଲେ। ଏମ୍‌ଜିଏନ୍‌ଆରଇଜିଏସ୍‌ରେ ଏହି ବ୍ଲକରେ ଆଖିଦୃଶିଆ କାର୍ଯ୍ୟ ହୋଇ ନ ଥିବା ଜଣାଯାଇଥିଲା। ଏପିଓ ଜ୍ୟୋତିରଞ୍ଜନ ନାୟକ ଏ ସମ୍ପର୍କିତ ତଥ୍ୟ ଦେଇଥିଲେ। ସମସ୍ତ ୧୬ ପଞ୍ଚାୟତର ସରପଞ୍ଚମାନେ ଏହି ଯୋଜନାରେ ୫ ରୁ ୧୦ ଲକ୍ଷ ଟଙ୍କା ମଧ୍ୟରେ ପ୍ରକଳ୍ପ ତାଲିକା ପ୍ରସ୍ତୁତ କରିବାକୁ ବିଧାୟକ କହିଥିଲେ। ଏଥିସହ ଅଗଷ୍ଟ ମାସ ମଧ୍ୟରେ ଚାରାରୋପଣ କାର୍ଯ୍ୟ ସାରିବାକୁ ନିର୍ଦ୍ଦେଶ ଦେଇଥିଲେ। ରୋହିଆ ପଞ୍ଚାୟତ ଅରଖକୁଦର ଦେବୀ ନଦୀରେ ମେଗା ଜଳ ପ୍ରକଳ୍ପ ନିର୍ମାଣ ବେଳେ ସ୍ଥାନୀୟ ଲୋକେ ବିରୋଧ କରିଥିଲେ। ଉକ୍ତ ପ୍ରକଳ୍ପ ମାଧ୍ୟମରେ ଗଜରାଜପୁର, ରୋହିଆ, ନୂଆଗାଁ ପଞ୍ଚାୟତର ୧୨ ଗ୍ରାମକୁ ଜଳ ଯୋଗାଇବାକୁ ପ୍ରସ୍ତାବ ଦିଆଯାଇଥିଲା। ଉକ୍ତ ପ୍ରସ୍ତାବକୁ ଗ୍ରାମ୍ୟ ଜଳ ପରିମଳ ବିଭାଗ ସମ୍ପୂର୍ଣ୍ଣ ଅଗ୍ରାହ୍ୟ କରିଦେଇଥିବା ରୋହିଆ ସମିତି ସଭ୍ୟ ପଦ୍ମ ଚରଣ ରାଉତ ଅଭିଯୋଗ କରିଥିଲେ। ବ୍ଲକର ୨୦ ଗ୍ରାମକୁ ଏପର୍ଯ୍ୟନ୍ତ ପାନୀୟଜଳ ଯୋଗାଣ ହୋଇନାହିଁ। ତେଣୁ ତୁରନ୍ତ ଜଳ ଯୋଗାଣ ବ୍ୟବସ୍ଥା କରିବାକୁ ବିଭାଗୀୟ ଯନ୍ତ୍ରୀ ଚନ୍ଦ୍ରଶେଖର ସାହୁଙ୍କୁ ବିଧାୟକ ନିର୍ଦ୍ଦେଶ ଦେଇଥିଲେ। ବୈଠକରେ ପ୍ରଥମକରି ନାଉଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ସୁନନ୍ଦନ ମହାନ୍ତି ଯୋଗ ଦେଇଥିଲେ। ସ୍ୱାସ୍ଥ୍ୟକେନ୍ଦ୍ରକୁ ନିରାମୟ ଯୋଜନାରେ କି କି ଔଷଧ ଆସୁଛି, ରୋଗୀ କଲ୍ୟାଣ ସମିତି ବୈଠକ କେବେ ହୋଇଥିଲା ଆଦି ବିଷୟରେ ତାଙ୍କୁ ଏମ୍‌ପି ମଲ୍ଲିକ ପଚାରିଥିଲେ। କିନ୍ତୁ ସେ ସଠିକ ତଥ୍ୟ ଦେଇ ନ ପାରିବାରୁ ବୈଠକରେ ଅସନ୍ତୋଷ ପ୍ରକାଶ ପାଇଥିଲା। ସେହିପରି ଗଳଦାରି ପଞ୍ଚାୟତରେ ଥିବା କେନାଲ ଉପରେ ଏକ ପୋଲ ନିର୍ମାଣ କରିବାକୁ ସଭ୍ୟ ପ୍ରଭାତ ସ୍ୱାଇଁ କହିଥିଲେ। ସମ୍ମିଳନୀ ଗୃହରେ ସ୍ଥାନ ଅଭାବରୁ ବହୁ ଅଧିକାରୀ କକ୍ଷ ବାହାରେ ରହିଥିବା ଦେଖିବାକୁ ମିଳିଥିଲା।

## ■ ନଡ଼ିଆ ଚାଷ ସମ୍ପର୍କିତ ଜିଲାସ୍ତରୀୟ କର୍ମଶାଳା

# ଏସ୍‌ଏଚ୍‌ଜିକୁ ଦିଆଯିବ ୬୦ ହଜାର ଚାରା



କର୍ମଶାଳାରେ ଉପସ୍ଥିତ ଜିଲାପାଳ ଓ ଅନ୍ୟ ଅଧିକାରୀମାନେ।

ଜଗତ୍‌ସିଂହପୁର ଅଫିସ, ୯।୮

ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ଓରମାସ ଆନୁକୂଲ୍ୟରେ ଶୁକ୍ରବାର ସ୍ଥାନୀୟ ଟାଉନ ହଲ ପରିସରରେ ନଡ଼ିଆ ଚାଷ ସମ୍ପର୍କୀତ ଜିଲାସ୍ତରୀୟ କର୍ମଶାଳା ଅନୁଷ୍ଠିତ ହୋଇଛି। ଏଥିରେ ନଡ଼ିଆ ଚାଷ ମାଧ୍ୟମରେ କିପରି ଜଣେ ସ୍ୱାବଲମ୍ବୀ ହୋଇପାରିବ ସେ ସମ୍ପର୍କରେ ଆଲୋଚନା ହୋଇଥିଲା। ବିଶେଷକରି ପ୍ରାଥମିକ ପଦକ୍ଷେପ ସ୍ୱରୂପ ଜିଲାର ସ୍ୱୟଂ ସହାୟିକା ଗୋଷ୍ଠୀଗୁଡିକୁ ୬୦ ହଜାର ଉନ୍ନତ କିସମର ନଡିଆ ଚାରା ଯୋଗାଇ ଦିଆଯିବ ବୋଲି ଜିଲାପାଳ ସଂଗ୍ରାମ କେଶରୀ ମହାପାତ୍ର ଘୋଷଣା କରିଥିଲେ। ଏହି ଅବସରରେ ସେ ନଡିଆ ଚାଷୀଙ୍କୁ ଆବଶ୍ୟକ ଋଣ ଯୋଗାଇ ଦେବାକୁ ଉପସ୍ଥିତ ନାବାର୍ଡ ଏଜିଏମଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱ ବିଦ୍ୟାଳୟର ପ୍ରଫେସର ଶରତ ଚନ୍ଦ୍ର ସାହୁ ବୈଜ୍ଞାନିକ ଓ ବୈଷୟିକ ପଦ୍ଧତିରେ ନଡିଆ ଚାଷ କଲେ କିପରି ଅଧିକ ଉତ୍ପାଦନ ମିଳିବ ସେ ସମ୍ପର୍କରେ ବୁଝାଇଥିଲେ। ଅଧିକ ଗାଡ଼ ସାଙ୍ଗକୁ ୩୦ ଫୁଟ ବ୍ୟବଧାନରେ ଗଛ ଲଗାଇଲେ ତାହା ଉପୁଡିବା ସମ୍ଭାବନା କମ୍ ବୋଲି ଏଥିରେ କୁହାଯାଇଥିଲା। ସିଟିସିଆର୍‌ଆଇର ପ୍ରଫେସର ସୁଶାନ୍ତ କୁମାର ଜଟ ନଡିଆ ବଗିଚା ମଧ୍ୟରେ ଥିବା ଖାଲି ସ୍ଥାନରେ କନ୍ଦ ଫସଲ କରିବାକୁ ପରାମର୍ଶ ଦେଇଥିଲେ। ନାବାର୍ଡ ଏଜିଏମ୍ ବିଶ୍ୱଭୂଷଣ ମହାନ୍ତି, ସେଣ୍ଟ୍ରାଲ କୋକୋନଟ୍ ଡେଭଲପମେଣ୍ଟ ବୋର୍ଡର ଆକାଉଣ୍ଟାଣ୍ଟ ସସ୍ମିତା ପଲେଇ, ଏଲ୍‌ଡିଏମ ସତିଶ କୁମାର ପାତ୍ର, ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ କାମିନୀ ରଞ୍ଜନ ପଟ୍ଟନାୟକ ଓ ସହକାରୀ ଉଦ୍ୟାନବିତ୍ ଅଙ୍କିତା ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ। ଓରମାସ୍ ଡେପୁଟି ସିଇଓ ସତ୍ୟସୁନ୍ଦର ଶିବରାମ ପାଇଟାଳ କର୍ମଶାଳା ପରିଚାଳନା କରିଥିଲେ। ବାଲିକୁଦା ବ୍ଲକର ଜୟ ଜଗନ୍ନାଥ ପ୍ରଡ୍ୟୁସର ଗ୍ରୁପ ଦ୍ୱାରା ନଡିଆରୁ ପ୍ରସ୍ତୁତ ତେଲ, ଆଚାର, ବିସ୍କୁଟ, ଚକୋଲେଟ୍, କାକରା, ନଡିଆ ପିଠା ପ୍ରଦର୍ଶନୀ ହୋଇଥିଲା। ଓର୍‌ମାସର ପ୍ରଭାତ କୁମାର ଦାଶ ପରିଚାଳନାରେ ସହାୟତା କରିଥିଲେ। ବାଲିକୁଦା ଡିପିଏମ୍ ପ୍ରତାପରୁଦ୍ର ନନ୍ଦ ସ୍ୱାଗତ ଭାଷଣ, ଓରମାସ୍ ଡେପୁଟି ସିଇଓ ପାଇଟାଳ ଧନ୍ୟବାଦ ଦେଇଥିଲେ।

## ପ୍ରଧାନମନ୍ତ୍ରୀ ଆବାସ କାର୍ଯ୍ୟାଦେଶ ପ୍ରଦାନ

ନାଉଗାଁ,୯।୮(ସ୍ୱ.ପ୍ର.)

ନାଉଗାଁ ବ୍ଲକ ପରିସରରେ ଶୁକ୍ରବାର ବିଧାୟକ ପ୍ରଶାନ୍ତ ମୁଦୁଲି ଓ ଏମ୍‌ପି ଡା. ରାଜଶ୍ରୀ ମଲିକ ପ୍ରଧାନ ମନ୍ତ୍ରୀ ଆବାସ ଯୋଜନାରେ ହିତାଧିକାରୀଙ୍କୁ କାର୍ଯ୍ୟାଦେଶ ପ୍ରଦାନ କରିଛନ୍ତି। ମୋଟ୍ ୧୦ ପଞ୍ଚାୟତର ୧୧୪ ହିତାଧିକାରୀଙ୍କୁ ଏହି କାର୍ଯ୍ୟାଦେଶ ପ୍ରଦାନ କରାଯାଇଥିବା ଜଣାଯାଇଛି। ଏହି କାର୍ଯ୍ୟାଦେଶ ପ୍ରଦାନ ସମୟରେ ବିଡିଓ ରଶ୍ମିରେଖା ମଲିକ, ଅଧ୍ୟକ୍ଷ ଜଗନ୍ନାଥ ଦାସ, ବିପିସି ମାନସ କୁମାର ଜେନା, ଆର ଏଚ ଡିଲିଙ୍ଗ ଆସିଷ୍ଟାଣ୍ଟ ସୁମିତ୍ରା ଦାସ, ବିପିଏ ଅଜିତ କୁମାର ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

## ଏନ୍‌ଏସ୍‌ଏସ୍ ପକ୍ଷରୁ କୋର୍ଟ ପରିସର ସଫେଇ




ସଫେଇ କାର୍ଯ୍ୟକ୍ରମରେ ସାମିଲ ହୋଇଥିବା ଛାତ୍ରୀଛାତ୍ର ଓ ଓକିଲ ସଂଘ କର୍ମକର୍ତ୍ତା।

କୁଜଙ୍ଗ,୯।୮(ସ୍ୱ.ପ୍ର.)

ସମାଗୋଳସ୍ଥିତ ବିଜୟଚାନ୍ଦ ସଂସ୍କୃତ ମହାବିଦ୍ୟାଳୟର ଏନଏସ୍‌ଏସ୍ ଛାତ୍ରୀଛାତ୍ରମାନେ ଶୁକ୍ରବାର କୁଜଙ୍ଗ କୋର୍ଟ ପରିସର ସଫେଇ କରିବା ସହ ସ୍ୱଚ୍ଛତା ପକ୍ଷ ସମ୍ପର୍କରେ ସଚେତନତା ସୃଷ୍ଟି କରିଛନ୍ତି। କୁଜଙ୍ଗ ଅତିରିକ୍ତ ଜିଲା ଦୌରାଜଜ୍ ପ୍ରଣବ କୁମାର ରାଉତରାୟ ଉପସ୍ଥିତ ରହି ଛାତ୍ରୀଛାତ୍ରଙ୍କୁ ସେବା କାର୍ଯ୍ୟ ନିମନ୍ତେ ଉତ୍ସାହିତ କରିଥିଲେ। କୁଜଙ୍ଗ ଓକିଲ ସଂଘ ସଭାପତି ରମେଶ ଦାସ, ପୂର୍ବତନ ସଭାପତି ତଥା ଉପଦେଷ୍ଟା ଏ.ଏନ.ଡି. ଯାଦବ, ବିକାଶ ନାଥଙ୍କ ସହ ମହାବିଦ୍ୟାଳୟର ଏନ୍‌ଏସ୍‌ଏସ୍ କାର୍ଯ୍ୟକ୍ରମ ଅଧିକାରୀ ଡ.ହେମନ୍ତ କୁମାର ମୁଦୁଲି, ଉପଦେଷ୍ଟା ରଶ୍ମୀରଞ୍ଜନ ଦାସ ପ୍ରମୁଖ ଉପସ୍ଥିତ ଥିଲେ।

## ■ ତିର୍ତ୍ତୋଲରେ ଆବାସ ମେଳା

# ୩୭୫ ହିତାଧିକାରୀଙ୍କୁ କାର୍ଯ୍ୟାଦେଶ

ତିର୍ତ୍ତୋଲ,୯।୮(ଡି.ଏନ.ଏ.)

ତିର୍ତ୍ତୋଲ ବ୍ଲକ କାର୍ଯ୍ୟାଳୟ ପରିସରରେ ଶୁକ୍ରବାର ଆବାସ ମେଳା ଅନୁଷ୍ଠିତ ହୋଇଛି। ଏଥିରେ ୩୭୫ ଜଣ ହିତାଧିକାରୀଙ୍କୁ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ କାର୍ଯ୍ୟାଦେଶ ପ୍ରଦାନ କରାଯାଇଥିଲା। ବିଡିଓ ରଞ୍ଜନ କୁମାର ପରିଡାଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ତିର୍ତ୍ତୋଲ ବିଧାୟକ ବିଷ୍ଣୁ ଚରଣ ଦାସ ମୁଖ୍ୟଅତିଥି ଭାବେ ଯୋଗଦେଇ କାର୍ଯ୍ୟାଦେଶ ବଣ୍ଟନ କରିବା ସହ ହିତାଧିକାରୀଙ୍କୁ ଆବାସ ନିର୍ମାଣ ସମ୍ପର୍କରେ ସଚେତନ କରାଇଥିଲେ। ପାରାଦୀପ ବିଧାୟକ ସମ୍ବିତ ରାଉତରାୟ, ଜଗତ୍‌ସିଂହପୁର ଜିଲାପରିଷଦ ଅଧ୍ୟକ୍ଷା ପ୍ରିୟଦର୍ଶିନୀ ବିଶ୍ୱାଳ, ପଞ୍ଚାୟତ ସମିତି ଅଧ୍ୟକ୍ଷା ସୁଜାତା ମହାନ୍ତି, ଉପାଧ୍ୟକ୍ଷ ଆଶିଷ ସେଠୀ, ବ୍ଲକ ବିଜେଡି ସଭାପତି ବସନ୍ତ ମହାପାତ୍ର, ଜିଲା ପରିଷଦ ସଭ୍ୟ ପ୍ରବୀର ରାୟ, ସନାତନ ଦଳାଇ, ଲିପାଲି ରାଉଳ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ୯୦ ଦିନ ମଧ୍ୟରେ ଘର ନିର୍ମାଣ ଶେଷ କରି ସରକାରଙ୍କଠାରୁ ପୁରସ୍କାର ନେବାକୁ ହିତାଧିକାରୀଙ୍କୁ କହିଥିଲେ। ଏଥିରେ ତିର୍ତ୍ତୋଲ ବ୍ଲକର ୨୧ ଓ ପାରାଦୀପ ନିର୍ବାଚନମଣ୍ଡଳୀ ଅଧୀନ ୮ ପଞ୍ଚାତର ମୋଟ ୭୧୧ ହିତାଧିକାରୀଙ୍କୁ କାର୍ଯ୍ୟାଦେଶ ପ୍ରଦାନ ଲକ୍ଷ୍ୟ ଧାର୍ଯ୍ୟ ଥିବାବେଳେ ୩୭୫ ଜଣଙ୍କୁ ଦିଆଯାଇଥିଲା। ବ୍ଲକ ପ୍ରୋଗ୍ରାମ ଅଫିସର ପ୍ରିୟମ୍ବଦା ପଶାୟତ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ବ୍ଲକ ଡବ୍ଲ୍ୟୁଇଓ ପ୍ରଦୀପ୍ତ ଦଳାଇ, ଏସଇଓ ବିଜୟ ପାତ୍ର, କୋଷାଧ୍ୟକ୍ଷ ବସନ୍ତ ବିଶ୍ୱାଳ ପ୍ରମୁଖ ପରିଚାଳନାରେ ସହାୟତା କରିଥିଲେ। ପାରାଦୀପ ବିଧାୟକଙ୍କ ଜିଲା ପ୍ରତିନିଧି ଗଗନ ବିହାରୀ ପୃଷ୍ଟି, ବିମଳ ମହାପାତ୍ର, ତପନ ମହାନ୍ତି, ସରପଞ୍ଚ ଚିତ୍ତରଞ୍ଜନ ରଥ, ଆମ୍ବା ଅଧ୍ୟକ୍ଷ ପ୍ରକାଶ ଚନ୍ଦ୍ର ସ୍ୱାଇଁ, ପୂର୍ବତନ ବ୍ଲକ ବିଜେଡି ସଭାପତି ଅଶୋକ ରାଉତ, ଅଶ୍ୱିନ ଦାସ ପ୍ରମୁଖ ଉପସ୍ଥିତ ଥିଲେ।




କାର୍ଯ୍ୟାଦେଶ ବଣ୍ଟନ ଅବସରରେ ଉପସ୍ଥିତ ବିଧାୟକ ଓ ଅନ୍ୟମାନେ।

## ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ସିପିଆଇର ଦାବିପତ୍ର

କୁଜଙ୍ଗ,୯।୮(ସ୍ୱ.ପ୍ର.)

ଦେଶରେ ଭାଜପା ନେତୃତ୍ୱାଧୀନ ଏନ୍‌ଡିଏ ସରକାର ଗଠନ କରିବା ପରଠାରୁ ମହିଳା, ସଂଖ୍ୟାଲଘୁ, ଦଳିତ ଓ ଆଦିବାସୀଙ୍କ ଉପରେ ଆକ୍ରମଣ, ଅତ୍ୟାଚାର, ହତ୍ୟା, ବଳାତ୍କାର ଆଦି ବୃଦ୍ଧି ପାଇବାରେ ଲାଗିଛି ବୋଲି ସିପିଆଇ କୁଜଙ୍ଗ ଶାଖା ପକ୍ଷରୁ ଅଭିଯୋଗ କରାଯାଇଛି। ଦେଶରେ ସାମ୍ପ୍ରଦାୟିକ ହିଂସା ବଢି ଚାଲିଛି। ଏହାର ପ୍ରତିବାଦରେ କୁଜଙ୍ଗରେ ଦୁଇଦିନିଆ ପ୍ରତିବାଦ କାର୍ଯ୍ୟକ୍ରମ ହୋଇଛି। ଏଥିସହ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ବିଡିଓଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ଏହି ଅବସରରେ ସିପିଆଇ ଜୋନାଲ କମିଟି ସମ୍ପାଦକ ଶରତ ଚନ୍ଦ୍ର ବେହେରା, ସହ ସମ୍ପାଦକ ହୃଷିକେଶ ନାଥ, ବରିଷ୍ଠ ନେତା ବିଷ୍ଣୁ ଚରଣ ମୁଦୁଲି, ନାରୀନେତ୍ରୀ ଜିନ୍ମୟୀ ସାହାଣୀ, ଶ୍ରମିକନେତା ସୁବାସ ସାମନ୍ତରାୟ, ପ୍ରଶାନ୍ତ ପ୍ରଧାନ, ଗୌତମ ଦାସ, ସଙ୍ଗୀତା ପ୍ରଧାନ ପ୍ରମୁଖ ଦେଶର ସାମ୍ପ୍ରତିକ ଅବସ୍ଥା ଓ କୁଜଙ୍ଗ ସ୍ୱାସ୍ଥ୍ୟକେନ୍ଦ୍ର ସମସ୍ୟା ବିଷୟରେ ବିଡିଓଙ୍କ ସହ ଆଲୋଚନା କରିଥିଲେ।

## ସରପଞ୍ଚଙ୍କୁ ଆକ୍ରମଣ ଅଭିଯୋଗ

ଜଗତ୍‌ସିଂହପୁର ଅଫିସ, ୯।୮

ଝଁକୋଟି ସରପଞ୍ଚ ତଥା ବିରିବାଟିର ମାନସ ରଞ୍ଜନ ସେଠୀଙ୍କୁ ଏହି ଗାଁର ଲକ୍ଷ୍ମୀଧର ନାୟକ ଓ ତାଙ୍କ ପୁଅ ଗଙ୍ଗାଧର ଗାଳିଗୁଲଜ ସହ ଆକ୍ରମଣ କରିଥିବା ଜଗତ୍‌ସିଂହପୁର ଥାନାରେ ଅଭିଯୋଗ ହୋଇଛି। ପୋଲିସ ଏ ସମ୍ପର୍କରେ ମାମଲା ରୁଜୁ କରିବ ବୋଲି ଆଇଆଇସି ରଜନୀକାନ୍ତ ମିଶ୍ର ସୂଚନା ଦେଇଛନ୍ତି। ଅଭିଯୋଗ ଅନୁଯାୟୀ, ଶୁକ୍ରବାର ପଞ୍ଚାୟତରେ କଂକ୍ରିଟ ରାସ୍ତା ତିଆରି କାମ ଚାଲିଥିଲା। ଏହି ସମୟରେ ସରପଞ୍ଚ ସେଠୀ ଉପସ୍ଥିତ ଥିଲେ। ଲକ୍ଷ୍ମୀଧର ଓ ଗଙ୍ଗାଧର ସେଠାରେ ପହଞ୍ଚି ବିଦ୍ୟୁତ ସଂଯୋଗ ପାଇଁ କାହିଁକି ଏତେ ରାଜନୀତି କରୁଛ ବୋଲି କହି ଗାଳିଗୁଲଜ ସହ ଆକ୍ରମଣ କରିଥିବା ଅଭିଯୋଗରେ ଦର୍ଶାଯାଇଛି।

## ତରିକୁନ୍ଦ ହାଇସ୍କୁଲରେ ପ୍ରତିଷ୍ଠାତା ସଭ୍ୟଙ୍କ ଶ୍ରାଦ୍ଧବାର୍ଷିକରେ ଲାବରେଟୋରି ଉଦ୍‌ଘାଟନ

ରଘୁନାଥପୁର, ୯।୮ (ଡି.ଏନ.ଏ.)

ରଘୁନାଥପୁର ବ୍ଲକ ତରିକୁନ୍ଦ ହାଇସ୍କୁଲର ପ୍ରତିଷ୍ଠାତା ପ୍ରଧାନ ଶିକ୍ଷକ ସ୍ୱର୍ଗତ ସୋମନାଥ ମିଶ୍ରଙ୍କ ୧୫ ତମ ଶ୍ରାଦ୍ଧବାର୍ଷିକରେ ଜଗତ୍‌ସିଂହପୁର ଜିଲାପାଳ ସଂଗ୍ରାମ କେଶରୀ ମହାପାତ୍ର ନବନିର୍ମିତ ଲାବରେଟୋରି ଓ ସାଇକେଲ ଷ୍ଟାଣ୍ଡର ଶୁଭ ଉଦ୍‌ଘାଟନ କରିଛନ୍ତି। ସ୍ୱର୍ଗତ ମିଶ୍ର ଓ ପ୍ରଥମ ସମ୍ପାଦକ ମହେଶ ଚନ୍ଦ୍ର ରଣାତଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରି ପୁରାତନ ଛାତ୍ରଙ୍କ ପକ୍ଷରୁ ଆୟୋଜିତ ଉତ୍ସବରେ ଜିଲାପାଳ ମହାପାତ୍ର ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ଏହି ଅବସରରେ ପୂଜ୍ୟପୂଜା ସମ୍ମାନ ଦେବା ସହ ଅଚରଣ ଉଚ୍ଚାରଣରେ ଶୁଦ୍ଧତା ଆଣି ଶିକ୍ଷା ପ୍ରତି ଗୁରୁତ୍ୱ ଦେବାକୁ ଛାତ୍ରୀଛାତ୍ରଙ୍କୁ ପରାମର୍ଶ ରଖିଥିଲେ। ଉତ୍ସବରେ ପ୍ରାକ୍ତନ ଶିକ୍ଷକ ରଘୁନାଥ ପତିଙ୍କ ସଭାପତିତ୍ୱରେ ସାହିତ୍ୟିକ ବୈଷ୍ଣବ ଚରଣ ମହାନ୍ତି ଓ ସଚ୍ଚିଦାନନ୍ଦ ମିଶ୍ର ଅତିଥି ରୂପେ ଯୋଗଦେଇ ପିଲାମାନଙ୍କୁ ଶିକ୍ଷା ଭିତ୍ତିକ ଦିଗ୍‌ଦର୍ଶନ ଦେଇଥିଲେ। ଏହି ଅବସରରେ ପୁରାତନ ଛାତ୍ର ରତିକାନ୍ତ ଶତପଥୀଙ୍କୁ ସମ୍ବର୍ଦ୍ଧିତ କରାଯିବା ସହ ଜିଲାପାଳ ମହାପାତ୍ର ପତ୍ରିକା ସ୍ମୃତି ଅର୍ଘ୍ୟ ଉନ୍ମୋଚିତ କରିଥିଲେ। ଚଳିତବର୍ଷ ୧୦ ମ ଶ୍ରେଣୀରେ ଅଧିକ ନମ୍ବର ରଖିଥିବା ପ୍ରତ୍ୟୁଷ କୁମାର ଦଳାଇଙ୍କୁ ସମ୍ବର୍ଦ୍ଧନା ଜ୍ଞାପନ କରାଯିବା ସହ ଅନ୍ୟ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ଉତ୍ସବରେ ସୁଧାଂଶୁ ଶେଖର ମହାନ୍ତି ଅତିଥି ପରିଚୟ ଓ ସୁକାନ୍ତ କୁମାର ମହାନ୍ତି ସଭା ପରିଚାଳନା କରିଥିଲେ। ବିଭୂତି ଭୂଷଣ ମକଦ୍ଦମ, କଲିମ ଉଦ୍ଦିନ ଖାଁ, ପ୍ରମୋଦ ଜେନା, ସୁବାସ ମହାରଣା, ଶ୍ରୀବତ୍ସ ଆଚାର୍ଯ୍ୟ ପ୍ରମୁଖ ଉପସ୍ଥିତ ଥିଲେ।

# ବହି ଧରିବା ହାତରେ ବାଲି ସିମେଣ୍ଟ

- **ବାହାର ରାଜ୍ୟରୁ ଆସି କାମ କରୁଛନ୍ତି ଶିଶୁ ଶ୍ରମିକ**
- **କାମରେ ନିୟୋଜିତ କରୁଛନ୍ତି ଠିକାଦାର**

ନାଉଗାଁ,୯।୮(ସ୍ୱ.ପ୍ର.)

ପିଲାମାନଙ୍କୁ ମାଗଣା ଓ ବାଧ୍ୟତାମୂଳକ ଶିକ୍ଷା ପ୍ରଦାନ ସହ ଶିଶୁ ଶ୍ରମିକ ବନ୍ଦ କରିବା ନିମନ୍ତେ ପ୍ରତ୍ୟେକ ରାଜ୍ୟ ସରକାର ବିଭିନ୍ନ ଯୋଜନା କରିଛନ୍ତି। ତେବେ ଏହି ଯୋଜନା ଠିକ୍ ଭାବେ କାର୍ଯ୍ୟକାରୀ ହୋଇପାରୁନାହିଁ। ଫଳରେ ବିଭିନ୍ନ କାର୍ଯ୍ୟରେ ଶିଶୁ ଶ୍ରମିକ ନିୟୋଜିତ ହେଉଥିବା ଦେଖିବାକୁ ମିଳୁଛି। ନାଉଗାଁ ବ୍ଲକ କୋଋଅ ପଞ୍ଚାୟତରେ ୨ ମାସ ହେଲା ଜଣେ ଠିକାଦାର ସୁଉଚ୍ଚ ପାଣି ଟାଙ୍କି ଓ ଷ୍ଟାଣ୍ଡପୋଷ୍ଟ ନିର୍ମାଣ କାର୍ଯ୍ୟରେ ଜଣେ ଶିଶୁ ଶ୍ରମିକଙ୍କୁ ନିୟୋଜିତ କରିଥିବା ଦେଖିବାକୁ ମିଳିଛି। ଗୁରୁବାର ଗାରୋଇସ୍ଥିତ ଶ୍ରୀଜଗନ୍ନାଥ ଉଚ୍ଚ ବିଦ୍ୟାଳୟ ସମ୍ମୁଖରେ ନିର୍ମାଣ ହେଉଥିବା ଷ୍ଟାଣ୍ଡପୋଷ୍ଟ କାର୍ଯ୍ୟରେ ସମ୍ପୃକ୍ତ ଶିଶୁ ଶ୍ରମିକ ବାଲି ସିମେଣ୍ଟ ଗୋଳାଇ ରାଜମିସ୍ତ୍ରୀଙ୍କୁ ଦେଉଥିଲେ। ତାଙ୍କ ବୟସ ୧୩ ବର୍ଷ ଓ ସେ ପଶ୍ଚିମବଙ୍ଗ ମୁର୍ଶୀଦାବାଦ ଅଞ୍ଚଳରୁ ଆସିଥିବା ପ୍ରକାଶ କରିଛନ୍ତି। ତେବେ କାମ ବାବଦରେ ତାଙ୍କୁ କେତେ ଟଙ୍କା ମିଳୁଛି ତାହା ସେ କହିନାହାନ୍ତି। ତାଙ୍କୁ ସାଥିରେ ଆଣିଥିବା ମିସ୍ତ୍ରୀ ଜଣଙ୍କ କହିଛନ୍ତି ଯେ, ସେ ମୋ ସମ୍ପର୍କୀୟ। ମୋ' ସହ ବୁଲିବାକୁ ଆସି ଏଠାରେ ରହିଛି। ଯେଉଁଠି ଉକ୍ତ ଶିଶୁ ଶ୍ରମିକଙ୍କ ବୟସର ପିଲାମାନେ ବିଦ୍ୟାଳୟକୁ ଯାଉଛନ୍ତି, ସେହି ବିଦ୍ୟାଳୟ ସମ୍ମୁଖରେ ସେ ବାଲି ସିମେଣ୍ଟ ଗୋଳାଇ କାମ କରିବା ସରକାରୀ ଯୋଜନା ପ୍ରତି ଅଙ୍ଗୁଳି ନିର୍ଦ୍ଦେଶ କରୁଛି। ଅନ୍ୟପକ୍ଷରେ କେତେକ ଠିକାଦାର ବାହାର ରାଜ୍ୟରୁ କମ ବୟସର ପିଲାମାନଙ୍କୁ ଆଣି ଅଳ୍ପ ମଜୁରୀରେ ସେମାନଙ୍କୁ କାମରେ ଲଗାଉଥିବା ଅଭିଯୋଗ ହେଉଛି। ଗୁରୁତ୍ୱପୂର୍ଣ୍ଣ କଥା ହେଲା ଏହି ପାଣି ଟାଙ୍କି ନିର୍ମାଣ କାର୍ଯ୍ୟ ତଦାରଖ କରିବା ପାଇଁ ବିଭାଗୀୟ ଅଧିକାରୀମାନେ ଆସୁଥିବାବେଳେ ଶିଶୁ ଶ୍ରମିକଙ୍କ ଉପରେ ତାଙ୍କର ନଜର ପଡୁନାହିଁ। ଅନ୍ୟ ଏକ ପ୍ରସଙ୍ଗ ହେଲା ଜିଲାରେ କେତେ ଶିଶୁ ଶ୍ରମିକ ଅଛନ୍ତି ବା ବାହାରୁ ଆସୁଛନ୍ତି, ସେମାନେ କି କାର୍ଯ୍ୟରେ ନିୟୋଜିତ ହେଉଛନ୍ତି ତାହାର କୌଣସି ହିସାବ ଶ୍ରମ ବିଭାଗ ପାଖରେ ନାହିଁ। ଏ ସମ୍ପର୍କରେ ଜିଲା ଶ୍ରମ ଅଧିକାରୀ ଆନନ୍ଦ ଶଙ୍କର ଦାସ କହିଛନ୍ତି ଯେ, କେତେ ଶିଶୁ ଶ୍ରମିକ ଅଛନ୍ତି ସମ୍ପୂର୍ଣ୍ଣ ତଥ୍ୟ ଆମ ପାଖରେ ନାହିଁ। ଅଭିଯୋଗ ଆସିଲେ ଆମେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବୁ।

## ସଂକ୍ଷେପରେ

### ମତ୍ସ୍ୟ ଚାଷ ସମ୍ପର୍କିତ ପ୍ରଶିକ୍ଷଣ ଶିବିର

ପାଟକୁରା, ୯।୮ (ଡି.ଏନ୍.ଏ.): ମିଶନ ଶକ୍ତି ଓ ୱାର୍ଲ୍ଡ ଫିସ ସହଯୋଗରେ ଗରଦପୁର ବ୍ଲକ ଆତ୍ମା ସମ୍ମିଳନୀ କକ୍ଷରେ ମତ୍ସ୍ୟ ଚାଷ ସଂକ୍ରାନ୍ତୀୟ ପ୍ରଶିକ୍ଷଣ ଶିବିର ଗୁରୁବାର ଅନୁଷ୍ଠିତ ହୋଇଯାଇଛି। କେନ୍ଦ୍ରାପଡ଼ା ଜିଲା ସହକାରୀ ମତ୍ସ୍ୟ ଅଧିକାରୀ ଦିଲ୍ଲୀପ କୁମାର ମହାନ୍ତି ଏଥିରେ ଅଧକ୍ଷତା କରିଥିଲେ। ବିଡିଓ ଧରଣୀଧର ବେହେରା ଶିବିର ଉଦ୍‌ଘାଟନ କରିବା ସହ ମିଶନ ଶକ୍ତି ମହିଳାଙ୍କୁ ସ୍ୱାବଲମ୍ବୀ କରିବା ସକାଶେ ସରକାର ଅଧିକ ଗୁରୁତ୍ୱ ଦେଉଥିବା ସୂଚନା ଦେଇଥିଲେ। ଏସ୍‌ଏଚ୍‌ଜିର ସଦସ୍ୟାମାନଙ୍କୁ ପଞ୍ଚାୟତ ଅଧୀନ ପୁଷ୍କରିଣୀକୁ ୩ ବର୍ଷ ଲାଗି ନିଲାମ ଦିଆଯିବ। ଫଳରେ ସେମାନେ ଏହି ପୁଷ୍କରିଣୀରେ ମାଛ ଚାଷ କରିପାରିବେ। ମାଛ ଚାଷ ରେ ସେମାନେ ଯେତିକି ଅର୍ଥ ବିନିଯୋଗ କରିବେ, ସରକାର ତାହାର ଶତକଡ଼ା ୬୦ ଭାଗ ସହାୟତା ଯୋଗାଇ ଦେବେ। ଏଣୁ ଆଧୁନିକ ଜ୍ଞାନକୌଶଳ ପ୍ରୟୋଗ କରି ମାଛ ଚାଷ କରିବାକୁ ଜିଲା ମତ୍ସ୍ୟ ଅଧିକାରିଣୀ ମହାପାତ୍ର କହିଥିଲେ। ମାଛ ଚାଷ କରାଯାଉଥିବା ପୋଖରୀରେ ରାସାୟନିକ ସାର ଓ ଚୂନ ଆଦି ପକାଇବାକୁ ପ୍ରଶିକ୍ଷକ ସୌରଭ ବିଶ୍ୱାଳ ପରାମର୍ଶ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲା ମତ୍ସ୍ୟ ଅଧିକାରିଣୀ ମମତାମୟୀ ମହାପାତ୍ର, ପ୍ରଶିକ୍ଷକ ସୌରଭ ବିଶ୍ୱାଳ, ସହକାରୀ କୃଷି ଅଧିକାରୀ ସୌମେନ୍ଦ୍ର ମହାନ୍ତି, ମତ୍ସ୍ୟ ସମ୍ପ୍ରସାରଣ ଅଧିକାରୀ ରବୀନ୍ଦ୍ର ସାହୁ, ଅତିରିକ୍ତ ମତ୍ସ୍ୟ ସମ୍ପ୍ରସାରଣ ଅଧିକାରୀ ଶଙ୍କର୍ଷଣ ପଣ୍ଡାଙ୍କ ସମେତ ୧୨ ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟା ଉପସ୍ଥିତ ରହି ଆଲୋଚନାରେ ଭାଗ ନେଇଥିଲେ।

### ତିଲଙ୍ଗ ଶିଶୁ ମନ୍ଦିରରେ ଚାରା ରୋପଣ

ଡେରାବିଶ, ୯।୮ (ସ୍ୱ.ପ୍ର.): ଡେରାବିଶ ବ୍ଲକ ଅଧୀନ ନରସିଂହପୁର ପଞ୍ଚାୟତ ତିଲଙ୍ଗସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପରିସରରେ ମଙ୍ଗଳବାର ଇଫ୍‌କୋ ତରଫରୁ ୧୦୦୦ ନିମ୍ବ ଚାରା ରୋପଣ କରାଯାଇଛି। ଏହି ଉପଲକ୍ଷେ ଇଫ୍‌କୋର କ୍ଷେତ୍ରାଧିକାରୀ ସୌମ୍ୟରଞ୍ଜନ ଦାସଙ୍କ ଅଧକ୍ଷତାରେ ଏକ ସଭାର ଆୟୋଜନ କରାଯାଇଥିଲା। ଏଥିରେ ଇଫ୍‌କୋର ରାଜ୍ୟ ବିପଣନ ପ୍ରବନ୍ଧକ କିଶୋର ଚନ୍ଦ୍ର ଜେନା ମୁଖ୍ୟଅତିଥି, ଜିଲା କୃଷି ଉପନିର୍ଦ୍ଦେଶକ ମିତ୍ରୋଦୟ ଦାସ, ସମବାୟ ବିଭାଗ ଉପନିବନ୍ଧକ ଅଶୋକ କୁମାର ବେହେରା, କେନ୍ଦ୍ରାପଡ଼ା କୃଷି ବିଜ୍ଞାନ କେନ୍ଦ୍ରର ବୈଜ୍ଞାନିକ ନମିତା ମହାପାତ୍ର, ପ୍ରଭଞ୍ଜନ ମିଶ୍ର ଓ ପ୍ରଭାତ କୁମାର ସାହୁ, ଜିଲା କୃଷି ଅଧିକାରୀ ସତ୍ୟବ୍ରତ ସାହୁ ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ। ଏହି ଅବସରରେ ପରିବେଶ ସୁରକ୍ଷା ଓ ନିମ୍ବ ଗଛ ଉପରେ ଛାତ୍ରୀଛାତ୍ରଙ୍କ ମଧ୍ୟରେ ଅନୁଷ୍ଠିତ ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରିଥିବା ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ପଣ୍ଡିତ କରୁଣାକର ମିଶ୍ର, ଏଣ୍ଡର ସମବାୟ ସମିତି ସମ୍ପାଦକ ମନୋରଞ୍ଜନ ଦାସ, ତିଲଙ୍ଗ ଶିଶୁମନ୍ଦିର ପରିଚାଳନା କମିଟି ସମ୍ପାଦକ ବିପିନ ବିହାରୀ ଖଟୁଆ ପ୍ରମୁଖ କାର୍ଯ୍ୟକ୍ରମରେ ଯୋଗଦେଇ ବକ୍ତବ୍ୟ ରଖିଥିଲେ। ଶିଶୁ ମନ୍ଦିର ପ୍ରଧାନ ଆଚାର୍ଯ୍ୟ ବଂଶୀଧର ନାଥ ଧନ୍ୟବାଦ ଦେଇଥିଲେ।

# ୨ ଶିଶୁ ଅପପୁଷ୍ଟିର ଶିକାର

## ■ ସ୍ୱତନ୍ତ୍ର ଚିକିତ୍ସା ପାଇଁ ରେଡ୍ କାର୍ଡ ପ୍ରଦାନ

ମହାକାଳପଡ଼ା ବ୍ଲକ

ମହାକାଳପଡା, ୯।୮ (ଡି.ଏନ୍.ଏ.)

ମହାକାଳପଡ଼ା ବ୍ଲକ ଅଧୀନ ପେଟ୍‌ଛେଲା ପଞ୍ଚାୟତର କେନ୍ତିଆ ଗ୍ରାମରେ ବାପି ମଣ୍ଡଳ ଓ ସନ୍ଧ୍ୟାରାଣୀ (୨୦)ଙ୍କ ଦୁଇ ଝିଅ ଅଙ୍କିତା (ଅଢେଇ ବର୍ଷ) ଓ ଐଶ୍ୱର୍ଯ୍ୟା (୧୧ ମାସ) ଅପପୁଷ୍ଟି ଓ କୁପୋଷଣର ଶିକାର ହୋଇଛନ୍ତି। ଫଳରେ ଉଭୟଙ୍କ ସ୍ୱତନ୍ତ୍ର ଚିକିତ୍ସା ପାଇଁ ସ୍ଥାନୀୟ ସ୍ୱାସ୍ଥ୍ୟକର୍ମୀ ସୁପ୍ରଭା ସ୍ୱାଇଁ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ଗତ ୬ ତାରିଖରେ ରେଡ୍ କାର୍ଡ ପ୍ରଦାନ କରିଛନ୍ତି। ଏହି ରେଡ୍ କାର୍ଡରେ ହାଇରିସ୍କ ଚାଇଲ୍ଡ ଉଲ୍ଲେଖ କରାଯାଇ ସ୍ୱତନ୍ତ୍ର ଚିକିତ୍ସା ଲାଗି କୁହାଯାଇଛି। ଦି ଓଳି ଦି ମୁଠା ଖାଇବା ପାଇଁ ଅର୍ଥ ଅଭାବ ଥିବା ବେଳେ ଦୁଇ ଶିଶୁଙ୍କ ଚିକିତ୍ସା ଖର୍ଚ୍ଚ ତୁଲାଇବା ବାପିଙ୍କ ପରିବାର ପ୍ରତି କଷ୍ଟକର ହୋଇପଡ଼ିଛି।


ଦୁଇ ଝିଅଙ୍କ ସହ ସନ୍ଧ୍ୟାରାଣୀ।

ତେବେ ଜିଲା ସ୍ୱାସ୍ଥ୍ୟ ବିଭାଗ ଏହି ଦୁଇ ଶିଶୁଙ୍କ ଚିକିତ୍ସା ଦାୟିତ୍ୱ ନେବା ପାଇଁ ସ୍ଥାନୀୟ ଅଞ୍ଚଳବାସୀଙ୍କ ସମେତ ସାମାଜିକ କର୍ମୀ ସୁବାସ ସ୍ୱାଇଁ ଦାବି କରିଛନ୍ତି।

ଉପକୂଳ ଅଞ୍ଚଳରେ ବିଭିନ୍ନ ସମୟରେ କମ୍ ବୟସର ଝିଅମାନଙ୍କୁ ବିବାହ କରାଇ ଦିଆଯାଉଥିବା ଦେଖାଯାଏ। ଯାହାଫଳରେ ମା' ହେବା ପରେ ସମ୍ପୃକ୍ତା ନାବାଳିକା ବିଭିନ୍ନ ସ୍ୱାସ୍ଥ୍ୟ ସମସ୍ୟାରେ ପଡ଼ିବା ସହ ତାଙ୍କଠାରୁ ଜନ୍ମ ନେଉଥିବା ଶିଶୁ ବିଭିନ୍ନ ରୋଗରେ ଆକ୍ରାନ୍ତ ହେଉଛନ୍ତି। ଅନେକ ସମୟରେ ଗର୍ଭାବସ୍ଥାରେ ବା ପ୍ରସବ ସମୟରେ କେତେଜଣଙ୍କ ମୃତ୍ୟୁ ଘଟୁଥିବା ମଧ୍ୟ ନଜିର ରହିଛି। ନାବାଳିକା ବିବାହ ରୋକିବା ସକାଶେ ସରକାରୀ ଓ ବେସରକାରୀସ୍ତରରେ ବିଭିନ୍ନ ସଚେତନତା କାର୍ଯ୍ୟକ୍ରମ କରାଯାଉଥିଲେ ବି ଲୋକମାନେ ସଚେତନ ହୋଇପାରୁନାହାନ୍ତି। ଜିଲା ପ୍ରଶାସନ ପକ୍ଷରୁ ଏ ଦିଗରେ ଦୃଷ୍ଟି ଦିଆଯିବା ଆବଶ୍ୟକ ବୋଲି ବୁଦ୍ଧିଜୀବୀ ସମରେନ୍ଦ୍ର ମାହାଳୀ କହିଛନ୍ତି। ଏ ସମ୍ପର୍କରେ ଜିଲାପାଳ ସମର୍ଥ ବର୍ମାଙ୍କୁ ପଚାରିବାରେ ତଦନ୍ତ ପରେ ପରବର୍ତ୍ତୀ ପଦକ୍ଷେପ ନିଆଯିବ ବୋଲି କହିଛନ୍ତି।

# ମିଶନ ଶକ୍ତି ଗୃହ ନିର୍ମାଣ ସ୍ଥାନ ପରିବର୍ତ୍ତନକୁ ବିରୋଧ


ଉପଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ସହଦେବ ବାବା ମହିଳା ମହାସଂଘର କର୍ମକର୍ତ୍ତାମାନେ।

କେନ୍ଦ୍ରାପଡା ଅଫିସ, ୯।୮

ମିଶନଶକ୍ତି ଗୃହ ନିର୍ମାଣ ପାଇଁ ଶୁକ୍ରବାର ପଟ୍ଟାମୁଣ୍ଡାଇ ବ୍ଲକ ନରସିଂହପୁର ପଞ୍ଚାୟତ ସହଦେବ ବାବା ମହିଳା ମହାସଂଘ କର୍ମକର୍ତ୍ତାମାନେ ଉପଜିଲାପାଳ ଜ୍ୟୋତିରଞ୍ଜନ ମହାପାତ୍ରଙ୍କୁ ଭେଟି ଦାବିପତ୍ର ପ୍ରଦାନ କରିଛନ୍ତି। ଏ ସମ୍ପର୍କରେ ସଂଘ ସଦସ୍ୟା ଦମୟନ୍ତୀ ଗିରି ସୂଚନା ଦେଇଛନ୍ତି ଯେ, ଅଇନିପଡ଼ା ସିଦ୍ଧେଶ୍ୱର ମନ୍ଦିର ପାଖ ସରକାରୀ ଜମିରେ ଏହି ଗୃହ ନିର୍ମାଣ ପାଇଁ ଆମ ଗାଁ ଆମ ବିକାଶ କାର୍ଯ୍ୟକ୍ରମରେ ସ୍ଥିର କରାଯାଇଥିଲା। ଏଠାରେ ଗୃହ ନିର୍ମାଣ ହେଲେ ସମସ୍ତ ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟା ଉପକୃତ ହୋଇପାରିବେ। ତେବେ କେତେକ ଖଳ ପ୍ରକୃତିର ବ୍ୟକ୍ତି ଏହି ଗୃହ ନିର୍ମାଣକୁ ବିରୋଧ କରି ସ୍ଥାନ ପରିବର୍ତ୍ତନ ପାଇଁ ପ୍ରୟାସ ଆରମ୍ଭ କରିଛନ୍ତି। ମହାସଂଘ ପକ୍ଷରୁ ଗୃହ ନିର୍ମାଣ ସ୍ଥାନ ପରିବର୍ତ୍ତନକୁ ବିରୋଧ କରାଯାଇ ଏହି ଦାବିପତ୍ର ପ୍ରଦାନ କରାଯାଇଛି।

# ଫସଲ ବୀମାରୁ ବାଦ୍ ପଡ଼ିଲା ୩୮ ପଞ୍ଚାୟତ

ଆଳି, ୯।୮ (ଡି.ଏନ୍.ଏ.)

କେନ୍ଦ୍ରାପଡା ଜିଲା ଆଳି ଓ ରାଜକନିକା ବ୍ଲକର ଅଧିକାଂଶ ଲୋକ ଚାଷ ଉପରେ ନିର୍ଭରଶୀଳ। ପରିବାର ପ୍ରତିପୋଷଣ ପାଇଁ ଲୋକମାନେ ଚାଷ ଉପରେ ସମ୍ପୂର୍ଣ୍ଣ ନିର୍ଭର କରୁଥିବା ବେଳ ବିଭିନ୍ନ ସମୟରେ ପ୍ରାକୃତିକ ବିପର୍ଯ୍ୟୟ ଚାଷୀଙ୍କ ମେରୁଦଣ୍ଡ ଭାଙ୍ଗି ଦେଉଛି। ହେଲେ ସରକାର ଚାଷୀଙ୍କୁ ଫସଲ ବୀମା ବାବଦ ସହାୟତା ରାଶି ପ୍ରଦାନ କରୁଥିବା ବେଳେ ଅନେକ ଚାଷୀ ଏହାର ସୁଫଳ ପାଇ ପାରୁ ନଥିବା ଅଭିଯୋଗ ହେଉଛି। ୨୦୧୮ ଖରିଫ ଋତୁରେ ଲଘୁଚାପ ଯୋଗୁ ଲଗାଣ ବର୍ଷା ଫଳରେ ହଜାର ହଜାର ହେକ୍ଟର ଧାନ ଫସଲ ଉଜୁଡ଼ି ଯାଇଥିଲା। ବିଲରେ ପାଣି ଜମି ରହିବା ଯୋଗୁ ଧାନ ବିଲରେ ଗଜା ହୋଇଯାଇଥିଲା। ଆଳି ଓ ରାଜକନିକା ବ୍ଲକର ମୋଟ ୨୪ହଜାର ୧୨୮ ହେକ୍ଟର ଚାଷ ଜମିର ପ୍ରାୟ ୮୦ ଭାଗ ଧାନ ଝଡି ପଡିବା ଓ ଗଜା ହୋଇଥିବା ବେଳେ କେତେଜଣ ଚାଷୀ ସ୍ୱଳ୍ପ ପରିମାଣର ଧାନ ଅମଳ କରିଥିଲେ। ଏହାପରେ ଋଣ ଶୁଝିବା ନେଇ ଚାଷୀମାନେ ଚିନ୍ତାରେ ପଡ଼ିଥିଲେ। ତେବେ ଚାଷୀଙ୍କ କ୍ଷତି ଭରଣା ନିମନ୍ତେ ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନାରେ ଚାଷୀଙ୍କୁ ସହାୟତା ପ୍ରଦାନ ପାଇଁ ବୁଧବାର ତାଲିକା ପ୍ରକାଶ ପାଇଛି। ହେଲେ ଏଥିରେ ଆଳି ବ୍ଲକର ୩୪ ପଞ୍ଚାୟତ ମଧ୍ୟରୁ ମାତ୍ର ୧୧ ପଞ୍ଚାୟତ ଓ ରାଜକନିକା ବ୍ଲକର ୨୯ ପଞ୍ଚାୟତରୁ ମାତ୍ର ୧୪ ପଞ୍ଚାୟତକୁ ପ୍ରଧାନମନ୍ତ୍ରୀ ଫସଲ ବୀମା ପ୍ରଦାନ ପାଇଁ ଯୋଗ୍ୟ ବିବେଚିତ କରାଯାଇଛି। ଫଳରେ ଆଳି ବ୍ଲକର ୨୩ ଓ ରାଜକନିକା ବ୍ଲକର ୧୫ ପଞ୍ଚାୟତର ଚାଷୀ ଏହି ସହାୟତା ପାଇବାରୁ ବଞ୍ଚିତ ହୋଇଛନ୍ତି। କଟକ କେନ୍ଦ୍ରୀୟ ସମବାୟ ବ୍ୟାଙ୍କ ଆଳି ଓ ରାଜକନିକା ଶାଖା ପକ୍ଷରୁ ଏହି ସୂଚନା ମିଳିବା ପରେ ବାଦ୍ ପଡ଼ିଥିବା ପଞ୍ଚାୟତର ଚାଷୀମାନଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ଦେଖାଦେଇଛି। ଫସଲ ବୀମାରୁ ବାଦ ପଡିଥିବା ୩୮ ପଞ୍ଚାୟତର ଚାଷୀମାନଙ୍କୁ ତୁରନ୍ତ ଫସଲ ବୀମା ପ୍ରଦାନ କରିବା ନିମନ୍ତେ ଆଳି ଓ ରାଜକନିକାର ହଜାର ହଜାର ଚାଷୀଙ୍କ ସମେତ କୃଷକ କଲ୍ୟାଣ ମଞ୍ଚ ପକ୍ଷରୁ ଦାବି ହୋଇଛି। ନଚେତ ଅଗାମୀ ଦିନରେ ବଡ଼ ଧରଣର ଚାଷୀ ଆନ୍ଦୋଳନ ହେବ ବୋଲି ଚେତାବନୀ ଦିଆଯାଇଛି।

### ବିଦାୟକାଳୀନ ସମ୍ବର୍ଦ୍ଧନା

ଡେରାବିଶ, ୯।୮ (ସ୍ୱ.ପ୍ର.)

ଡେରାବିଶ ଶିକ୍ଷା ସର୍କଲ ଅଧୀନ ରତାଦିଆ ଖଣ୍ଡସାହି ସରକାରୀ ଉଚ୍ଚ ବିଦ୍ୟାଳୟ ସଭାକକ୍ଷରେ କ୍ରୀଡ଼ା ଶିକ୍ଷକ ଗଜେନ୍ଦ୍ର କୁମାର ମହାନ୍ତିଙ୍କ ଅବସରକାଳୀନ ସମ୍ବର୍ଦ୍ଧନା ସଭା ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଏହି ଉପଲକ୍ଷେ ଆୟୋଜିତ ସଭାରେ ପ୍ରଧାନ ଶିକ୍ଷକ ତପନ କୁମାର ସିଂ ସଭାପତିତ୍ୱ କରିଥିଲେ। ଏଥିରେ ଶିକ୍ଷକ ନେତା ତ୍ରୈଲୋକ୍ୟ ସ୍ୱାଇଁ ମୁଖ୍ୟଅତିଥି, ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ଜିତେନ୍ଦ୍ର କୁମାର ସାହୁ ମୁଖ୍ୟବକ୍ତା ଓ ସ୍ଥାନୀୟ ସରପଞ୍ଚ ଗୀତାଞ୍ଜଳି ସେଠୀ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଶିକ୍ଷୟିତ୍ରୀ ପ୍ରଜ୍ଞାପାରମିତା ସାହୁ, ପୂଜାରିଣୀ କର, ପ୍ରିୟଙ୍କା ଦାସ, ତ୍ରୈଲୋକ୍ୟ ନାଥ ମିଶ୍ର ପ୍ରମୁଖ କହିଥିଲେ, ବିଦାୟୀ ଶିକ୍ଷକ ମହାନ୍ତି ଜଣେ ବନ୍ଧୁବତ୍ସଳ ଓ ଆଦର୍ଶ ଶିକ୍ଷକଭାବେ ଏହି ଶିକ୍ଷାନୁଷ୍ଠାନର ସମ୍ବଳ ଥିଲେ। ଏହି ଅବସରରେ ବିଦାୟୀ ଶିକ୍ଷକ ମହାନ୍ତିଙ୍କୁ ଉପଢ଼ୌକନ, ମାନପତ୍ର, ପୁଷ୍ପଗୁଚ୍ଛ ଓ ଉପହାର ପ୍ରଦାନ କରାଯାଇ ସମ୍ବର୍ଦ୍ଧିତ କରାଯାଇଥିଲା। ଶିକ୍ଷୟିତ୍ରୀ ବିଦ୍ୟୁତ୍‌ଲତା ଆଚାର୍ଯ୍ୟ, ଇତିଶ୍ରୀ ମହାପାତ୍ର ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।

# ଅଖିଳ ଭାରତ କୃଷକ ସଭାର ଗଣ ବିକ୍ଷୋଭ

କେନ୍ଦ୍ରାପଡା ଅଫିସ, ୯।୮

ଅଖିଳ ଭାରତ କୃଷକ ସଭା କେନ୍ଦ୍ରାପଡା ଶାଖା ପକ୍ଷରୁ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିଭିନ୍ନ ଦାବି ଉପସ୍ଥାପନ କରି ଶୁକ୍ରବାର ଗଣବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ଏଥିସହିତ ଏହି ଅବସରରେ ଏକ ଦାବିପତ୍ର ଜିଲା ପ୍ରଶାସନକୁ ପ୍ରଦାନ କରାଯାଇଛି। ଏନେଇ କର୍ମକର୍ତ୍ତା ରମଣୀରଞ୍ଜନ ରାଉତରାୟ କହିଛନ୍ତି, ରାଜ୍ୟ ଓ କେନ୍ଦ୍ର ସରକାର ପ୍ରକୃତ ଚାଷୀଙ୍କୁ ଅବହେଳା କରିଆସୁଛନ୍ତି। ଆଦିବାସୀ ଓ କନ୍ଧମାନେ ଜଙ୍ଗଲରେ ଦୀର୍ଘଦିନ ଧରି ବସବାସ କରୁଥିଲେ ମଧ୍ୟ ତାଙ୍କୁ ଘରବାଡି ଓ ଚାଷ ଜମିର ସତ୍ତ୍ୱ ପ୍ରଦାନ କରାଯାଉନାହିଁ। କେନ୍ଦ୍ରାପଡା ଜିଲାର ମହାକାଳପଡା ବ୍ଲକ ଅନ୍ତର୍ଗତ ବଡିଘର ରାମଚଣ୍ଡୀ କୃଷକ ସଭାର ସଦସ୍ୟମାନେ ପ୍ରାୟ ୮୦ବର୍ଷରୁ ଊର୍ଦ୍ଧ୍ୱ ସମୟ ଧରି ଜଙ୍ଗଲ ଜମିରେ ରହି ଆସୁଥିଲେ ମଧ୍ୟ ସେମାନଙ୍କୁ ଉଚ୍ଛେଦ କରାଯିବା ପାଇଁ ମିଥ୍ୟା ମାମଲା କରାଯାଉଛି। ସେହିପରି ଫନୀ ବାତ୍ୟାରେ କ୍ଷତିଗ୍ରସ୍ତ ଚାଷୀଙ୍କୁ କ୍ଷତିପୂରଣ, ପ୍ରକୃତ ହିତାଧିକାରୀଙ୍କୁ ବାସଗୃହ ଯୋଜନାରେ ସାମିଲ କରିବା, ଶୀତଳ ଭଣ୍ଡାର ପ୍ରତିଷ୍ଠା, ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରେ ଚାଷୀଙ୍କୁ ସାମିଲ କରାଯାଇ ବର୍ଷକୁ ୨ଶହ ଦିନର କାମ ଦିଆଯିବା, ସାମାଜିକ ସୁରକ୍ଷା ଭତ୍ତା ବାବଦ ମାସିକ ୩ହଜାର ଟଙ୍କା, ଚାଷ ଜମିକୁ ଜଳସେଚନ, ନିଷ୍କାସନ ଓ ସଂରକ୍ଷଣର ବ୍ୟବସ୍ଥା କରାଯିବା, ଜଙ୍ଗଲ ଜମିର ପଟ୍ଟା ପ୍ରଦାନ କରାଯିବା ଆଦି ଦାବି ରହିଥିବା ରାଉତରାୟ ପ୍ରକାଶ କରିଥିଲେ। ବିକ୍ଷୋଭରେ ହରେକୃଷ୍ଣ ମାଝି, କୁବେର ଚନ୍ଦ୍ର ସାହୁ, କାନ୍ତିପ୍ରଭା ନାୟକ, ବସନ୍ତ କୁମାର ତ୍ରିପାଠୀ, ଅନିରୁଦ୍ଧ ବେହେରା, ପ୍ରଦୀପ୍ତ କୁମାର ରାଉତ ପ୍ରମୁଖ ନେତୃତ୍ୱ ନେଇଥିଲେ।



ଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ବିକ୍ଷୋଭ।

### ସୁଷମା ସ୍ୱରାଜଙ୍କୁ ଶ୍ରଦ୍ଧାଞ୍ଜଳି

ମାର୍ଶାଘାଇ, ୯।୮ (ଡି.ଏନ୍.ଏ.)

ପୂର୍ବତନ ବୈଦେଶିକ ମନ୍ତ୍ରୀ ସ୍ୱର୍ଗତା ସୁଷମା ସ୍ୱରାଜଙ୍କ ବିୟୋଗରେ ଏକ ଶ୍ରଦ୍ଧାଞ୍ଜଳି ସଭା ଶୁକ୍ରବାର ମାର୍ଶାଘାଇ କାନପୁରସ୍ଥିତ ଏକ ମଣ୍ଡପରେ ଅନୁଷ୍ଠିତ ହୋଇଯାଇଛି। ଭାଜପା ରାଜ୍ୟ ଉପସଭାପତି ଭୁବନ ମୋହନ ଜେନାଙ୍କ ସଭାପତିତ୍ୱରେ ହୋଇଥିବା ଏହି ସଭାରେ ବରିଷ୍ଠ ନେତା ମହାମେଘବାହନ ଐର ଖାରବେଳ ସ୍ୱାଇଁ ଯୋଗ ଦେଇ ସୁଷମାଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରି ତାଙ୍କର ବହୁମୁଖୀ ପ୍ରତିଭା ସଂପର୍କରେ ଆଲୋକପାତ କରିଥିଲେ। ପ୍ରାରମ୍ଭରେ ତାଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ନୀରବ ପ୍ରାର୍ଥନା କରାଯାଇଥିଲା। କେନ୍ଦ୍ରାପଡା ଜିଲା ଭାଜପା ସଭାପତି ଦୁର୍ଯ୍ୟୋଧନ ସାହୁ, ହେମନ୍ତ କୁମାର ପରିଡା, ପ୍ରସନ୍ନ ପରିଡା, ମାର୍ଶାଘାଇ ଜୋନ ସଭାପତି ଇଂ ପ୍ରକାଶ ଦାସଙ୍କ ସମେତ ଶତାଧିକ ଦଳୀୟ କର୍ମୀ ଉପସ୍ଥିତ ହୋଇ ସୁଷମାଙ୍କ ଉଦ୍ଦେଶ୍ୟରେ ଶ୍ରଦ୍ଧା ସୁମନ ଅର୍ପଣ କରିଥିଲେ।

# ୧୪ ଦଫା ଦାବିରେ ଜିଲାପାଳଙ୍କୁ ଆଶାକର୍ମୀ ସଂଘର ଦାବିପତ୍ର

କେନ୍ଦ୍ରାପଡା ଅଫିସ, ୯।୮

ନିଖିଳ ଓଡ଼ିଶା ଆଶାକର୍ମୀ ସଙ୍ଘ କେନ୍ଦ୍ରାପଡ଼ା ଜିଲା କମିଟି ପକ୍ଷରୁ ୧୪ ଦଫା ଦାବି ସମ୍ବଳିତ ପତ୍ର ଜିଲାପାଳ ସମର୍ଥ ବର୍ମାଙ୍କୁ ଶୁକ୍ରବାର ପ୍ରଦାନ କରାଯାଇଛି । ଏହି ଦାବିଗୁଡ଼ିକ ମଧ୍ୟରେ ସରକାର ଘୋଷଣା କରିଥିବା ଆଶାକର୍ମୀଙ୍କ ମାସିକ ବର୍ଦ୍ଧିତ ଦରମା ୮ହଜାର ଟଙ୍କା ତୁରନ୍ତ ପ୍ରଦାନ କରିବା, ଆଶାକର୍ମୀଙ୍କୁ ପ୍ରଦାନ କରାଯାଉଥିବା ମାସିକ ପ୍ରୋତ୍ସାହନ ରାଶି କେଉଁ ବାବଦରେ କେତେ ଟଙ୍କା ପ୍ରଦାନ କରାଯାଉଛି ସେ ନେଇ ସୂଚନା ଦିଆଯିବା ଓ ଆଶାଗୃହ ମରାମତି ସହିତ ସମସ୍ତ ଆନୁଷଙ୍ଗିକ ସୁବିଧା ପ୍ରଦାନ କରାଯିବା ନେଇ ଦାବିପତ୍ରରେ ଉଲ୍ଲେକ ରହିଛି। ଅନୁରୂପ ଭାବେ ଶିକ୍ଷାଗତ ଯୋଗ୍ୟତା ଓ ଅଭିଜ୍ଞତାକୁ ଭିତ୍ତିକରି ଏଏନ୍‌ଏମ୍ ଓ ଜିଏନଏମ୍ ପଦକୁ ପଦୋନ୍ନତି ପ୍ରଦାନ, ଆଶାକର୍ମୀ ରେଜିଷ୍ଟର ପ୍ରଦାନ, ପ୍ରତ୍ୟେକ ମାସର ୧୦ତାରିଖ ମଧ୍ୟରେ ଆଶାକର୍ମୀଙ୍କ ପ୍ରାପ୍ୟ ପ୍ରଦାନ, ପ୍ରଧାନମନ୍ତ୍ରୀ ପେନସନ ଯୋଜନାରେ ସମସ୍ତ ଆଶାକର୍ମୀଙ୍କୁ ସାମିଲ କରାଯିବା, ଆଶାକର୍ମୀମାନଙ୍କୁ ମୋବାଇଲ ପ୍ରଦାନ ପ୍ରଭୃତି ଦାବିରେ ଏହି ଦାବିପତ୍ର ପ୍ରଦାନ କରାଯାଇଛି। ଏହି ଦବିପତ୍ର ପ୍ରଦାନ ସମୟରେ କାନ୍ତିପ୍ରଭା ନାୟକ, ନନ୍ଦିନି ସ୍ୱାଇଁ, ସସ୍ମିତା ବାରିକ, ବନ୍ଦନା ମଲ୍ଲିକ, ମମତା ନାୟକ, ରଶ୍ମିରେଖା ପୃଷ୍ଟି, ଭଗବତୀ ନାୟକ ପ୍ରମୁଖ ଶତାଧିକ ଆଶାକର୍ମୀ ଉପସ୍ଥିତ ଥିଲେ।

## ■ କ୍ରାନ୍ତି ଦିବସ ପାଳିତ

# ସଂଗ୍ରାମୀଙ୍କ ବଳିଦାନ ଯୋଗୁ ସ୍ୱାଧୀନତା ମିଳିଛି

କେନ୍ଦ୍ରାପଡା ଅଫିସ, ୯।୮

୧୯୩୯ ମସିହାରେ ଆରମ୍ଭ ହୋଇଥିଲା ଦ୍ୱିତୀୟ ବିଶ୍ୱଯୁଦ୍ଧ। ଦେଶକୁ ସ୍ୱାଧୀନ କରିବା ପ୍ରତିଶ୍ରୁତି ଦେଇ ଏହି ଯୁଦ୍ଧରେ ଭାରତୀୟ ସେନାର ସହଯୋଗ ନେଇଥିଲେ ବ୍ରିଟିଶ ସରକାର। ତେବେ ବ୍ରିଟିଶ ସରକାର ଏହି ପ୍ରତିଶ୍ରୁତିକୁ ଭୁଲି ଗଲେ। ୧୯୪୨ ଅଗଷ୍ଟ ୮ ତାରିଖରେ ମୁମ୍ବାଇର ଗ୍ୱାଲିୟର ଟ୍ୟାଙ୍କ ମଇଦାନରେ ତାଙ୍କର ଏହି ଅନ୍ୟାୟକୁ ଭାରତୀୟ ଜାତୀୟ କଂଗ୍ରେସ ବିରୋଧ କରିଥିଲା। ଦେଶ ସ୍ୱାଧୀନ ପାଇଁ ଗାନ୍ଧିଜୀଙ୍କ କର ଅବା ମର ଡାକରାକୁ ପାଥେୟ କରି ଅଗଷ୍ଟ ୯ ତାରିଖରେ ଆରମ୍ଭ ହୋଇଥିଲା ଐତିହାସିକ ଭାରତ ଛାଡ଼ ଆନ୍ଦୋଳନ। ଏହି ସ୍ୱାଧୀନତା ସଂଗ୍ରାମରେ ସଂଗ୍ରାମୀମାନେ ଦେଶପାଇଁ ନିଜର ବଳିଦାନ ଦେଇ ଅମର ହୋଇଛନ୍ତି। ତାଙ୍କ ପାଇଁ ଆମେ ଉତ୍ତରପିଢ଼ିର ଜନସାଧାରଣ ସ୍ୱାଧୀନତା ପାଇଛୁ ବୋଲି ଶୁକ୍ରବାର କ୍ରାନ୍ତିଦିବସ ପାଳନ ଅବସରରେ ଅତିଥିମାନେ ମତବ୍ୟକ୍ତ କରିଛନ୍ତି। ଜିଲା ସ୍ୱାଧୀନତା ସଂଗ୍ରାମୀ ସମିତି ପକ୍ଷରୁ ଆୟୋଜିତ ସଭାରେ ସଭାପତି ନକୁଳ ଚରଣ ଦାସ ଅଧକ୍ଷତା କରିଥିଲେ। ଏଥିରେ କେନ୍ଦ୍ରାପଡ଼ା ବିଧାୟକ ଶଶୀଭୂଷଣ ବେହେରା, ଭଜକୃଷ୍ଣ ରାଉତ, ଗଦାଧର ମଲ୍ଲିକ, ଡ. ବାସୁଦେବ ଦାସ, ଜିଲା ପରିଷଦ ସଭାପତି ମାନସ କୁମାର ପରିଡ଼ା, ବ୍ଲକ ଅଧକ୍ଷ ଅନାମବନ୍ଧୁ ଧଳ, ପ୍ରଦୀପ୍ତ ମହାନ୍ତି, ଧୀରେନ ସାହୁ, ରାଜେଶ ପଣ୍ଡା, ଶକ୍ତିକାନ୍ତ ପାତ୍ର, ଶିବପ୍ରସାଦ ବଳ ପ୍ରମୁଖ ଉପସ୍ଥିତ ରହି ବକ୍ତବ୍ୟ ରଖିଥିଲେ।

କଂଗ୍ରେସ ଜିଲା ସଭାପତି ଚିନ୍ମୟ ପ୍ରସାଦ ବେହେରାଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏଥିପାଇଁ କଜଳାଠାରେ ଆୟୋଜିତ ସଭାରେ ପୂର୍ବତନ ମନ୍ତ୍ରୀ ଗଣେଶ୍ୱର ବେହେରା, କଂଗ୍ରେସ ନେତା ପ୍ରଫୁଲ ଦାସ, ସମ୍ବିତ ଶ୍ରୀଚନ୍ଦନ, ସଞ୍ଜୟ ରାଉତ, ଅନ୍ନପୂର୍ଣ୍ଣା ଦାସ, ଅବଦୁଲ ସତ୍ତାର ପ୍ରମୁଖ ଯୋଗଦେଇଥିଲେ।

## ■ ଜିଲାସ୍ତରୀୟ ସମୀକ୍ଷା ବୈଠକ

# ବଢୁଛି କୁପୋଷଣର ଶିକାର ଶିଶୁଙ୍କ ସଂଖ୍ୟା

କେନ୍ଦ୍ରାପଡା ଅଫିସ, ୯।୮

ଶିଶୁ ଓ ମହିଳା ବିକାଶ ପାଇଁ ରାଜ୍ୟ ଓ କେନ୍ଦ୍ର ସରକାର ବିଭିନ୍ନ ଯୋଜନା କାର୍ଯ୍ୟକାରୀ କରୁଛନ୍ତି। ତେବେ ଏହି ଯୋଜନା ପ୍ରଶାସନିକସ୍ତରରେ କାର୍ଯ୍ୟକାରୀ ହେଉଥିଲେ ମଧ୍ୟ କେନ୍ଦ୍ରାପଡ଼ା ଜିଲାରେ କୁପୋଷଣର ଶିକାର ହେଉଥିବା ଶିଶୁଙ୍କ ସଂଖ୍ୟା ବଢୁଛି। ୨୦୧୮-୧୯ ଆର୍ଥିକ ବର୍ଷରେ ଅତିରିକ୍ତ କୁପୋଷଣର ଶିକାର ଶିଶୁଙ୍କ ସଂଖ୍ୟା ୧୧୬ରୁ ୧୨୮ ମଧ୍ୟରେ ଥିବା ବେଳେ ଚଳିତ ଆର୍ଥିକ ବର୍ଷର ୪ଟି ପର୍ଯ୍ୟାୟରେ ସର୍ଭେ ହେବା ପରେ ଏହି ସଂଖ୍ୟା ୧୭୭କୁ ଛୁଇଁଥିବା ଜଣାପଡ଼ିଛି। ଆଗାମୀ ୩ଟି ପର୍ଯ୍ୟାୟ ସର୍ଭେ ଶେଷ ସୁଦ୍ଧା ଏହି ସଂଖ୍ୟା ୪୦୦ରୁ ଅଧିକ ହେବ ବୋଲି ସରକାରୀ ଆକଳନ ହୋଇଥିବା ଶୁକ୍ରବାର ଅନୁଷ୍ଠିତ ଜିଲାସ୍ତରୀୟ ସମୀକ୍ଷା ବୈଠକରେ ସୂଚନା ମିଳିଛି। ଜିଲାପାଳଙ୍କ କାର୍ଯ୍ୟାଳୟରେ ଅନୁଷ୍ଠିତ ଏହି ବୈଠକରେ ଜିଲାପାଳ ସମର୍ଥ ବର୍ମା ଅଧକ୍ଷତା କରିଥିଲେ। ଏଥିରେ ଏଡିଏମ୍‌ଓ ଡା. ମିର୍ଜା ବାବର ବେଗ, ଡିଏସ୍‌ଡବ୍ଲ୍ୟୁଓ ଚିନ୍ମୟୀ ରଥ ଓ ମମତା ଯୋଜନାର ପ୍ରକଳ୍ପ ଅଧିକାରୀ ମନୋରଞ୍ଜନ ଦାସ ଯୋଗ ଦେଇଥିଲେ।


ସମୀକ୍ଷା ବୈଠକରେ ଜିଲପାଳ ସମର୍ଥ ବର୍ମା ଓ ଅନ୍ୟ ପ୍ରଶାସନିକ ଅଧିକାରୀମାନେ।

ସେମାନେ ଦର୍ଶାଇଥିଲେ, ଗତ ଜୁଲାଇ ୧୬ତାରିଖରୁ କେନ୍ଦ୍ରାପଡ଼ା ଜିଲାରେ କୁପୋଷଣର ଶିକାର ଶିଶୁଙ୍କ ଚିହ୍ନଟ ଓ ଏହାର ନିରାକରଣ ବ୍ୟବସ୍ଥା ଆରମ୍ଭ ହୋଇଛି। ୧୬ରେ ସମନ୍ୱିତ ଶିଶୁ ବିକାଶ ପ୍ରକଳ୍ପର ଶିଶୁ ବିକାଶ ଯୋଜନା ଅଧିକାରିଣୀ, ମହିଳା କ୍ଷେତ୍ର ପରିଦର୍ଶିକାଙ୍କ ଦ୍ୱାରା ଓ ୧୭ତାରିଖରେ ସ୍ୱାସ୍ଥ୍ୟ ବିଭାଗର ଏଏନ୍‌ଏମ୍, ବହୁମୁଖୀ ସ୍ୱାସ୍ଥ୍ୟ କର୍ମଚାରୀ(ପୁରୁଷ), ମହିଳା ସ୍ୱାସ୍ଥ୍ୟକର୍ମୀ ପ୍ରତ୍ୟେକ ଅଙ୍ଗନୱାଡି କେନ୍ଦ୍ରରେ ପହଞ୍ଚି ତଦାରଖ କରୁଛନ୍ତି। ଗତ ଅଗଷ୍ଟ ୬ତାରିଖ ମଧ୍ୟରେ ଅନୁଷ୍ଠିତ ୭୬୦ ଗ୍ରାମ୍ୟ ସ୍ୱାସ୍ଥ୍ୟ ପୃଷ୍ଟି ଦିବସରେ ଶୂନରୁ ୫ବର୍ଷ ବୟସ ପର୍ଯ୍ୟନ୍ତ ୫୨,୦୯୪ଜଣ ଶିଶୁଙ୍କ ପରୀକ୍ଷା କରାଯାଇଥିଲା। ସେମାନଙ୍କ ମଧ୍ୟରୁ ଅତିଶୟ ଓଜନ କମ୍ ଥିବା ୧୭୭ଜଣ ଏବଂ ଅତିଶୟ ପୁଷ୍ଟିହୀନ ୪୧ ଶିଶୁଙ୍କୁ କେନ୍ଦ୍ରାପଡ଼ା ଜିଲା ମୁଖ୍ୟ ଚିକିତ୍ସାଳୟ ଓ ପଟ୍ଟାମୁଣ୍ଡାଇ ଉପଖଣ୍ଡ ସ୍ୱାସ୍ଥ୍ୟକେନ୍ଦ୍ରରେ ଥିବା ପୁଷ୍ଟି ପୁନର୍ବାସ କେନ୍ଦ୍ରରେ ରଖାଯାଇଛି। ଏଠାରେ ଏହି ଶିଶୁଙ୍କୁ ବିନା ମୂଲ୍ୟରେ ଚିକିତ୍ସା କରାଯାଉଛି। ଜିଲାର ୧,୧୨,୫୭୭ ଜଣ ଶିଶୁଙ୍କୁ ଏଭଳି ଭାବରେ ପରୀକ୍ଷା କରାଯାଇ କୁପୋଷଣର ଶିକାର ହୋଇଥିବା ଶିଶୁଙ୍କୁ ଆବଶ୍ୟକ ଚିକିତ୍ସା ଯୋଗାଇବାକୁ ଲକ୍ଷ୍ୟ ଧାର୍ଯ୍ୟ ହୋଇଛି। ଏହି ଅଭିଯାନକୁ ସଫଳ କରିବାକୁ ଜିଲାପାଳ ବର୍ମା ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ।

## ■ ଯୁକ୍ତ ୩ ଛାତ୍ରୀଛାତ୍ରଙ୍କ ସ୍ୱାଗତ ସମ୍ବର୍ଦ୍ଧନା ଉତ୍ସବ

# ଭଲ ମଣିଷ ହେବା ପାଇଁ ଏମ୍‌ପିଙ୍କ ପରାମର୍ଶ

ମାର୍ଶାଘାଇ, ୯।୮ (ଡ଼ି.ଏନ୍.ଏ)

ମାର୍ଶାଘାଇ ମହାବିଦ୍ୟାଳୟର ଯୁକ୍ତ ୩ ପ୍ରଥମ ବର୍ଷ କଳା, ବିଜ୍ଞାନ ଓ ବାଣିଜ୍ୟ ବିଭାଗର ନବାଗତ ଛାତ୍ରୀଛାତ୍ରଙ୍କ ସ୍ୱାଗତ ସମ୍ବର୍ଦ୍ଧନା ଉତ୍ସବ ଶୁକ୍ରବାର ମହାବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି । ପରିଚାଳନା କମିଟି ସଭାପତି ତଥା ମହାକାଳପଡା ବିଧାୟକ ଅତନୁ ସବ୍ୟସାଚୀ ନାୟକ ଏଥିରେ ସଭାପତିତ୍ୱ କରିଥିଲେ। ଉତ୍ସବରେ କେନ୍ଦ୍ରାପଡା ଏମପି ଅନୁଭବ ମହାନ୍ତି ମୁଖ୍ୟଅତିଥି ଭାବେ ଯୋଗ ଦେଇ ନବାଗତ ଛାତ୍ରୀଛାତ୍ରମାନେ ଭଲ ପାଠ ପଢିବା ସହିତ ଭଲ ମଣିଷ ହେବା ପାଇଁ ପରାମର୍ଶ ଦେଇଥିଲେ। ମାର୍ଶାଘାଇ ପଞ୍ଚାୟତ ସମିତି ଅଧକ୍ଷା ସୀତାଲତା ପରିଡା, ଜିଲା ପରିଷଦ ସଦସ୍ୟ ପ୍ରଦୀପ୍ତ କୁମାର ଗାହାଣ, ବରିଷ୍ଠ ପ୍ରାଧ୍ୟାପିକା ଅନୁପମା ଦାସ, ଅଧ୍ୟାପକ ଦିପକ କୁମାର ମହାନ୍ତି ଅନ୍ୟତମ ଅତିଥି ଭାବେ ଯୋଗ ଦେଇଥିଲେ। ଏନଏସଏସ ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ସ୍ୱାଗତ ସଙ୍ଗୀତ ଗାନ ପରେ ଯୁକ୍ତ ୩ ଦ୍ୱିତୀୟ ବର୍ଷର ଛାତ୍ରୀ ସୁଚିସ୍ମିତା ସ୍ୱାଇଁ, ତୃତୀୟ ବର୍ଷର ଛାତ୍ର ପ୍ରଶାନ୍ତ କୁମାର ବେହେରା ଛାତ୍ର ପ୍ରତିନିଧି ଭାବେ ପ୍ରଥମ ବର୍ଷର ଛାତ୍ରୀଛାତ୍ରଙ୍କ ନିମନ୍ତେ ସ୍ୱାଗତ ଭାଷଣ ଦେଇଥିଲେ। ଅଧକ୍ଷ ଡ. ଅମିୟ କୁମାର ଜେନା ଅତିଥି ପରିଚୟ ପ୍ରଦାନ କରିଥିଲେ। ଏହି ଅବସରରେ ଯୁକ୍ତ ୨ କଳା, ବାଣିଜ୍ୟ ଓ ବିଜ୍ଞାନ ଏବଂ ଯୁକ୍ତ ୩ କଳା, ବାଣିଜ୍ୟ ଓ ବିଜ୍ଞାନ ଶ୍ରେଣୀର ୬ଜଣ ଶ୍ରେଷ୍ଠ ଛାତ୍ରୀଛାତ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଉତ୍ସବରେ ମହାବିଦ୍ୟାଳୟରେ ପାନୀୟ ଜଳ ଓ ଛାତ୍ରୀ ନିବାସରେ ବିଦ୍ୟୁତ୍ ଯୋଗାଣ ସମସ୍ୟା ଦୂର ପାଇଁ ପଦକ୍ଷେପ ନେବାକୁ ଏମପି, ବିଧାୟକ ପ୍ରତିଶ୍ରୁତି ଦେଇଥିଲେ । ଏଥିରେ ମହାବିଦ୍ୟାଳୟର ଅଧ୍ୟାପିକା ଅଧ୍ୟାପକ, କର୍ମଚାରୀ ଏବଂ ଛାତୀଛାତ୍ର ଯୋଗ ଦେଇଥିଲେ। ଅଧ୍ୟାପକ ସୁକାନ୍ତ କୁମାର ପ୍ରଧାନ ଧନ୍ୟବାଦ ଦେଇଥିଲେ ।


ଉତ୍ସବରେ କେନ୍ଦ୍ରାପଡା ଏମ୍‌ପି ଅନୁଭବ ମହାନ୍ତି ଓ ଅନ୍ୟମାନେ।

■ନିରାଶ୍ରୟା ମହିଳାଙ୍କୁ ବଜାରରେ ମାଡ଼, ପୋଲିସ ନିଷ୍କ୍ରିୟ

# ଜିଲାପାଳଙ୍କୁ ଗୁହାରି କଲେ ଅଭିଯୋଗକାରିଣୀ

କେନ୍ଦ୍ରାପଡା ଅଫିସ, ୯।୮

ଗତ ୧ ତାରିଖରେ ରାଜକନିକା ବଜାର ଉପରେ ଚା' ଦୋକାନ କରିଥିବା ଜନୈକା ନିରାଶ୍ରୟା ମହିଳାଙ୍କୁ ଦିନ ଦ୍ୱିପ୍ରହରରେ ଜଣେ ବ୍ୟକ୍ତି ଉଲଗ୍ନ କରି ମାଡ଼ ମାରିଥିବା ନେଇ ଥାନାରେ ଅଭିଯୋଗ ହୋଇଥିଲେ ବି ପୋଲିସ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁନି। ତେବେ ଏହି ଘଟଣାର ଭିଡ଼ିଓ ସୋସିଆଲ ମିଡ଼ିଆରେ ଘୂରି ବୁଲୁଥିବା ଅଭିଯୁକ୍ତ ଜଣକ ସମ୍ପୃକ୍ତା ମହିଳାଙ୍କୁ ଜୀବନରୁ ମାରିଦେବାକୁ ଧମକ ଦେଉଛନ୍ତି। ତେବେ ପୋଲିସର ଏଭଳି ମନମାନି ଯୋଗୁ ମହିଳା ଜଣକ ଶୁକ୍ରବାର ଜିଲାପାଳଙ୍କୁ ଭେଟି ଗୁହାରି କରିଛନ୍ତି। ଏ ସମ୍ପର୍କରେ ମହିଳା ଜଣକ କହିଛନ୍ତି, ୧୮ ବର୍ଷ ପୂର୍ବେ ଦୁଇ ପିଲାଙ୍କୁ ତାଙ୍କ ପାଖରେ ଛାଡ଼ି ସ୍ୱାମୀ ଅନ୍ୟ ଜଣେ ମହିଳାଙ୍କ ସହ ପଳାଇଥିଲେ। ପରିବାର ପ୍ରତିପୋଷଣ ପାଇଁ ସେବେଠାରୁ ସମ୍ପୃକ୍ତା ମହିଳା ରାଜକନିକା ବଜାର ଉପରେ ଚା' ଦୋକାନ କରିଛନ୍ତି। ହେଲେ ଦୁଇ ମାସ ତଳେ ସେ ଶୋଇଥିବା ବେଳେ ସମ୍ପୃକ୍ତ ବ୍ୟକ୍ତି ତାଙ୍କୁ ବାହାର ପଟୁ ତାଲା ପକାଇ ଘରେ ନିଆଁ ଲଗାଇ ଦେଇଥିଲେ। ସେତେବେଳେ ସେ ବର୍ତ୍ତିଯାଇଥିଲେ। ଏ ନେଇ ସେ ଥାନାରେ ଅଭିଯୋଗ ମଧ୍ୟ କରିଥିଲେ। ତେବେ ଗତ ୧ ତାରିଖ ଦିନ ବଜାରରେ ସମସ୍ତଙ୍କ ଆଗରେ ସମ୍ପୃକ୍ତ ବ୍ୟକ୍ତି ଜଣକ ତାଙ୍କୁ ଉଲଗ୍ନ କରି ମାଡ଼ ମାରିଥିଲେ। ଏ ନେଇ ଥାନାରେ ଅଭିଯୋଗ ହେବା ପରେ ପୋଲିସ ୧୮୮/୧୯ ନଂ.ରେ ଏକ ମାମଲା ରୁଜୁ କରିଥିଲା। ହେଲେ ଇତିମଧ୍ୟରେ ଏଇ ଘଟଣାକୁ ୯ଦିନ ପୂରିଥିଲେ ବି ପୋଲିସ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିନାହିଁ। ଫଳରେ ସେ ନ୍ୟାୟ ପାଇଁ ଜିଲାପାଳଙ୍କ ଦ୍ୱାରସ୍ଥ ହୋଇଥିବା କହିଛନ୍ତି।

■ଫନୀ କ୍ଷୟକ୍ଷତି ତଦନ୍ତରେ ଅନିୟମିତତା ଅଭିଯୋଗ

# ତହସିଲ ଆଗରେ କ୍ଷତିଗ୍ରସ୍ତଙ୍କ ଧାରଣା

ମାହାଙ୍ଗା, ୯।୮ (ସ୍ୱ.ପ୍ର.)

ବାତ୍ୟା ଫନୀ ପ୍ରଭାବରେ ମାହାଙ୍ଗା ବ୍ଲକ ଅନ୍ତର୍ଗତ କୁସୁପୁର ପଞ୍ଚାୟତ ବାଗସରପୁର ଗ୍ରାମରେ ବହୁ ଜନସାଧାରଣଙ୍କ କ୍ଷତି ଘଟିଥିଲା। ଏହାପରେ ତହସିଲ ପ୍ରଶାସନ ପକ୍ଷରୁ କ୍ଷତିଗ୍ରସ୍ତଙ୍କ ତାଲିକା ପ୍ରସ୍ତୁତ କରାଯାଇଥିଲା। ହେଲେ ଯେଉଁ ତାଲିକା ପ୍ରସ୍ତୁତ କରାଯାଇଛି ସେଥିରେ ବ୍ୟାପକ ଅନିୟମିତତା ହୋଇଥିବା ଅଭିଯୋଗ ହୋଇଛି। ଫଳରେ କ୍ଷତିଗ୍ରସ୍ତ ତାଲିକାରୁ ବାଦ୍ ପଡ଼ିଥିବା ଲୋକେ ଶୁକ୍ରବାର ତହସିଲ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେବାସହ ଏହାର ପ୍ରତିବାଦ କରିଥିଲେ।

■ ରାସ୍ତା ଉପରେ ବନ୍ୟାଜଳ

# ବାହ୍ୟ ଜଗତରୁ ସିଂହଗାଁ ବିଚ୍ଛିନ୍ନ

କେନ୍ଦ୍ରାପଡା ଅଫିସ, ୯।୮: ଉପର ମୁଣ୍ଡରେ ଲଗାଣ ବର୍ଷା ଫଳରେ ବ୍ରାହ୍ମଣୀ ଓ ବିରୂପା ନଦୀରେ ପ୍ରଥମ ବନ୍ୟାଜଳ କେନ୍ଦ୍ରାପଡ଼ା ଜିଲାକୁ ପ୍ରବେଶ କରିଛି। ଜିଲାର ନିମ୍ନାଞ୍ଚଳରେ ଏହି ବନ୍ୟାଜଳ ପ୍ରବେଶ କରୁଥିବା ବେଳେ କେନ୍ଦ୍ରାପଡ଼ା ବ୍ଲକ ସିଂହଗାଁ ପଞ୍ଚାୟତକୁ ନିର୍ମାଣାଧୀନ ରାସ୍ତା ଶେଷ ହୋଇ ନ ଥିବାରୁ ରାସ୍ତା ଉପରେ ବନ୍ୟାଜଳ ପ୍ରବାହିତ ହେଉଛି। ଫଳରେ ଧୋୟାଞ୍ଚଳ ଭାବେ ପରିଚିତ ସିଂହଗାଁ, ରାଉଳିଆଡ଼ିଆ ଓ କୃଷ୍ଣଦାସପୁର ଗାଁ ଏବେ ବାହ୍ୟ ଜଗତରୁ ବିଚ୍ଛିନ୍ନ ହୋଇଯାଇଛି। କେନ୍ଦ୍ରାପଡ଼ା ଓ ଯାଜପୁର ଜିଲାକୁ ଯୋଗ କରୁଥିବା ଏହି ରାସ୍ତାର ନାୟାଡ଼ିଅଠାରୁ ସିଂହଗାଁ ପର୍ଯ୍ୟନ୍ତ ନାବାର୍ଡ଼ ସହାୟତାରେ ନିର୍ମାଣ ଚାଲିଛି। ଗ୍ରାମ୍ୟ ନିର୍ମାଣ ବିଭାଜନ-୨ ଅଧୀନସ୍ଥ ମୋଟ ୫ କିଲୋମିଟର ୧୫୦ ମିଟର ରାସ୍ତାର ଖର୍ଚ୍ଚ ଅଟକଳ ୫ କୋଟି ୬୦ ଲକ୍ଷ ୬୨ ହଜାର ଟଙ୍କା ରଖାଯାଇଛି। ୨୦୧୫ ମେ ୮ ତାରିଖରୁ ରାସ୍ତା ନିର୍ମାଣ ଆରମ୍ଭ ହୋଇଥିଲେ ମଧ୍ୟ ଅଦ୍ୟାବଧି ଶେଷ ହୋଇପାରିନାହିଁ। ରାସ୍ତାର ବିଭିନ୍ନ ସ୍ଥାନରେ ପୋଲ ନିର୍ମାଣ ପାଇଁ ଗାତ ଖୋଳାଯାଇଛି। ବନ୍ୟାଜଳ ପ୍ରବେଶ ପରେ ସିଂହଗାଁକୁ ଡଙ୍ଗା ପାର ହେବା ଅଥବା ଗୋବିନ୍ଦପୁର-ମାନପୁର ଦେଇ ପ୍ରାୟ ୪୦ କିଲୋମିଟର ବୁଲି ବୁଲି ଯିବାକୁ ପଡୁଛି ବୋଲି ପୂର୍ବତନ ସରପଞ୍ଚ ନିର୍ମଳ ଯେନା ଓ ସରପଞ୍ଚ ଜୟନ୍ତୀ ଦାସ କ୍ଷୋଭ ପ୍ରକାଶ କରିଛନ୍ତି।

MARUTI SUZUKI
COMMERCIAL
40,000 ଦମଦାର ସାଥୀ!
ମାରୁତି ସୁଜୁକୀ ସୁପର କ୍ୟାରୀ, ଖୁସୀ ପରିବାରଙ୍କର ଉନ୍ନତିର ସାଥୀ ।

₹50,000^ ପର୍ଯ୍ୟନ୍ତ ଅତିରିକ୍ତ ଲାଭ ଉଠାନ୍ତୁ
ଦମଦାର ଇଞ୍ଜିନ (24 kW@ 3500 rpm) / ସୁନ୍ଦର ମାଇଲେଜ୍ (22.07" km/l) / ବଡ଼ ଏବଂ ଷ୍ଟେବଲ ଡେକ୍ / ସହଜ ହ୍ୟାଣ୍ଡଲିଙ୍ଗ୍ / ଆପଣଙ୍କର ସୁରକ୍ଷା, ଭରସା ମାରୁତି ସୁଜୁକୀର / ବହୁତ ଆରାମଦାୟକ
SUPER CARRY
ଗୋଟିଏ ଦମଦାର ମିନି ଟ୍ରକ
Attractive Consumer Offer and Exchange Bonus
Special Offer for all Maruti Car Owners, Farmers, Commercial Vehicle Owners & IFFCO Society Members
For Institutional Sales / Bulk Deal / GeM enquiries, please contact: Mr Ramakrushna Panda - 7381034040 or email at ramakrushna.panda@maruti.co.in

| BHUBANESWAR | CUTTACK | JEYPORE | ROURKELA | ANGUL | BALASORE |
|---|---|---|---|---|---|
| JYOTE MOTORS PVT. LTD. | NARAYANI MOTORS PVT. LTD. | LEGEND CARS PVT. LTD. | ORBIT MOTORS PVT. LTD. | ODYSSEY MOTORS PVT. LTD. | JYOTE MOTORS PVT. LTD. |
| Near Sai Temple, Cuttack Puri By Pass Road | Nirgundi, Tangi, Cuttack | Near Old TATA Showroom, Jeypore | Near Pahadi Bar, Besides Bharat Petrol Pump, Vedvyas | Near Cineplex, NH 55, Kandasar, Angul | Januganj, Remuna, Balasore |
| Ph: 8338033990 | Ph: 8338033999 | Ph: 7894442915 | Ph: 9437007440 | Ph: 6370702436 | Ph: 8338033992 |

"Fuel Efficiency as certified by test agency under rule 115 of the CMVR, 1989. *Terms and conditions apply. Pictures used are for creative visualization. Car colour and accessories shown may vary from the actual product. ^Offer includes consumer offer, exchange bonus and corporate offer (wherever applicable) on Super Carry Diesel.

Reliance Growth is Life
ଏବେ ଇଣ୍ଡିଆ ବଦଳିବ
ଡିଜିଟାଲ ଇଣ୍ଡିଆ ସେଲ୍
15% କ୍ୟାଶ୍‌ବ୍ୟାକ୍*
10 ରୁ 15 ଅଗଷ୍ଟ
10% କ୍ୟାଶ୍‌ବ୍ୟାକ୍ + 5% କ୍ୟାଶ୍‌ବ୍ୟାକ୍
HDFC BANK Debit/Credit Cards & all EASYEMI
କ୍ୟାଶ୍ କାର୍ଡ ସରଳ ଇଏମ୍ଆଇ
reliancedigital.in
NOW OPEN AT: NANDAN KANAN ROAD, PATIA
Reliance digital PERSONALISING TECHNOLOGY
SHOP ANY ELECTRONICS AT MY JIO STORE Jio DIGITAL LIFE
ସବୁଠୁ ବଢ଼ିଆ ଡିଲ୍‌ସବୁ
32 (81 cm) SMART LED 2 Year Warranty • Android OS • Built in Wi-Fi ₹10 990/-
40 (101 cm) 40R300 TCL FULL HD LED 3 Year Warranty • 20W Dolby Sound • HDMI X 3 ₹17 990/- EMIs of ₹1 499/-* FREE** Reconnect Soundbar with sub woofer worth ₹9 990/-
55 (140 cm) LG UHD SMART LED 2 Year Warranty ₹59 990/- EMIs of ₹4 999/-* 5% ADDITIONAL CASH BACK
SEMI AUTOMATIC 8.2 kg • Air Dry • Active Soak • Lint Filter • Rust and Shock Proof Plastic Body ₹7 990/- EMIs of ₹799/-*
NEW LAUNCH SAMSUNG M40 • 16 cm (6.3) Infinity O Display • 6 GB RAM + 128 GB ROM ₹20 490/- AND GET Double Data Offer*
HOT DEAL ONEPLUS 7 Starting from ₹32 999/- 7 PRO Starting from ₹48 999/- AND GET Benefits worth ₹9 300/-*
ଟିଭି
55 (140 cm) 55R500 TCL UHD SMART LED 3 Year Warranty ₹39 990/- EMIs of ₹3 333/-* FREE** 81 cm (32) LED TV worth ₹14 990/-
65 (165 cm) TCL androidtv UHD SMART 3 Year Warranty ₹59 990/- EMIs of ₹4 999/-* FREE** JBL Soundbar worth ₹11 990/-
SONY EMIs of ₹999/-* 5% ADDITIONAL CASH BACK
SAMSUNG 10% ADDITIONAL CASH BACK
ମୋବାଇଲ
SAMSUNG A10 • 15.80 cm (6.2) HD+ Infinity - V Display • 2 GB RAM + 32 GB ROM ₹7 990/-
BEST BUY XIAOMI REDMI NOTE 7 PRO • 16 cm (6.3) FHD+ Dot Notch Display • 48 MP + 5 MP AI Dual Rear Camera Starting From ₹14 699/- Including Tempered Glass AND GET ₹2 400/-* Jio Instant Cashback + Double Data*
GREAT BUY VIVO Y17 • 16.15 cm (6.35) HALO FullView Display • 4 GB RAM + 128 GB ROM • 5000 mAh Battery ₹15 990/- AND GET ₹6 000/-* Jio Instant Cashback Offer
ୱାଶିଙ୍ଗ ମେସିନ
FRONT LOAD: SAMSUNG 6.5 kg ₹27 890/- EMIs of ₹2 324/-* Under Exchange; LG 6 kg ₹27 990/- EMIs of ₹2 333/-* Under Exchange; IFB 8 kg ₹35 490/- EMIs of ₹2 858/-* Under Exchange
TOP LOAD: WHIRLPOOL 7 kg ₹15 990/- EMIs of ₹1 333/-* Under Exchange; SAMSUNG 6.5 kg ₹18 490/- EMIs of ₹1 541/-* Under Exchange; LG 7 kg ₹21 490/- EMIs of ₹1 791/-* Under Exchange
ରେଫ୍ରିଜରେଟର
DIRECT COOL: HAIER 190 L ₹11 490/- EMIs of ₹958/-* Under Exchange; SAMSUNG 190 L BASE DRAWER ₹15 990/- EMIs of ₹1 333/-* Under Exchange; LG 190 L BASE DRAWER ₹16 490/- EMIs of ₹1 374/-* Under Exchange
FROST FREE: WHIRLPOOL 245 L ₹19 990/- EMIs of ₹1 666/-* Under Exchange; LG 260 L ₹21 490/- EMIs of ₹1 791/-* Under Exchange; SAMSUNG 253 L ₹21 990/- EMIs of ₹1 833/-* Under Exchange
ଲାପ୍‌ଟପ୍
MS Office HP 15 DB0186 • 4 GB RAM • 1 TB HDD • 39.6 cm (15.6) FHD Screen • AMD Radeon™ Vega 3 Graphics • Windows 10 ₹29 999/- EMIs of ₹3 333/-* FREE** Itek Voice Enabled Smart BT Neckband worth ₹2 999/-* SAVINGS OF UPTO ₹38 500/-
MS Office LENOVO S340 1TIN • 8 GB RAM • 1 TB HDD + 128 GB SSD • AMD Radeon™ Vega 5 Graphics • 35.5 cm (14) FHD Screen • Windows 10 ₹42 999/- EMIs of ₹4 778/-* FREE** JBL GO 2 worth ₹2 999/-* 3 YRS ADDITIONAL WARRANTY WORTH ₹8990/- @ ₹999/-*
MS Office DELL 3576 • 8 GB RAM • 1 TB HDD • 39.6 cm (15.6) FHD Screen • Windows 10 ₹48 199/- EMIs of ₹5 355/-* AND GET Jio Router Plus Data worth ₹5 440/- at 199/-*
Reliance resQ | ଏକ୍ସଟେଣ୍ଡେଡ ୱାରେଣ୍ଟୀ | ସର୍ଭିସିଙ୍ଗ ଓ ରିପେୟାରିଙ୍ଗ | ଏକାଧିକ ଫାଇନାନ୍ସ ବିକଳ୍ପ ମିଳୁଛି | kotak | HDB FINANCIAL SERVICES | HDFC BANK | IDFC FIRST Bank | BAJAJ FINSERV | TATA CAPITAL
VISIT US AT: BHUBHANESHWAR: RELIANCE MALL, MASTER CANTEEN • NANDAN KANAN ROAD, PATIA • ESPLANADE ONE MALL, RASULGARH • CUTTACK: COLLEGE SQUARE, A LISA BAZAAR RD, CDA SECTOR 8 • PURI: GROUND & FIRST FLOOR, VIP ROAD IN FRONT POLICE LINE, TEHSIL PH: 0675-2227414 / 15
*Terms & Conditions Apply. General: Offers are on selected brands & models only. Product visuals are for representational purpose only. Offers valid till stocks last. Exchange offer at the sole discretion of the company. Prices mentioned above are including all taxes. * Additional 1 Year Warranty on panel Only **Reward points are not applicable on purchases made at My JIO stores. Offers cannot be clubbed. 15% Cashback: 10% Cashback on HDFC Bank: Valid from 10th to 15th August 2019. Valid on HDFC Bank Credit Cards, Debit Cards, Credit Card EMI, Debit Card EMI & Consumer Durable Loan transactions on purchases made above ₹10 000/- at Reliance Digital & My Jio stores only. Max. Cashback of ₹1 750/- on Credit Card & Debit card purchases & Max Cashback of ₹2 500/- on Credit & Debit card EMI & Consumer Durable Loans. This offer cannot be clubbed with Brand EMI Cashback offer. 5% Cashback: 5% Cashback from Reliance Digital & My Jio stores applicable on select brands & models from 10th to 15th August, 2019. Cashback in form of "I Owe You Coupons". The I Owe You coupons can be redeemed from 3rd September to 30th September, 2019 on your next purchase at Reliance Digital or My Jio stores provided the bill value of your next purchase should be 3 times of the coupon value. Finance: EMI offer wherever applicable is at the sole discretion of the financing company. Tenure of EMI varies from company to company. Down Payment & Processing Fees as applicable. 0% Interest available on paper finance only on select models. All disputes are subject to the jurisdiction of the courts in Mumbai only. **GST will be applicable on all the FREE products.

3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ





## ସଂକ୍ଷେପରେ

### ଶିଶୁ ନିର୍ଯାତନା ଅଭିଯୋଗ, ଶିକ୍ଷକ ନିଲମ୍ବିତ

ସୁକିନ୍ଦା,୯।୮(ଡି.ଏନ୍.ଏ.)- ଯାଜପୁର ଜିଲା ସୁକିନ୍ଦା ଓ ଦାନଗଦୀ ବ୍ଲକରେ ଶିଶୁ ଶ୍ରମିକ, ନିର୍ଯାତନା ଓ ଶିକ୍ଷାଦନ କ୍ଷେତ୍ରରେ ଟାଟାଷ୍ଟିଲ ପକ୍ଷରୁ ଆସ୍ୱାୟ୍ୟାର ନାମକ ଏନ୍‌ଜିଓ ସଂସ୍ଥା କାର୍ଯ୍ୟ କରୁଛି। କିନ୍ତୁ ଏହି ଶିକ୍ଷାଦାନ କେନ୍ଦ୍ରରେ ଜଣେ ମାଙ୍କେଡ଼ିଆ ଜନଜାତି ବର୍ଗର ଶିଶୁଙ୍କୁ ବୁଧବାର ଶାରୀରିକ ମାନସିକ ନିର୍ଯାତନା ଦିଆଯାଇଥିବା ଅଭିଯୋଗ ହୋଇଛି। ଏହି ଘଟଣା ପରେ ଶୁକ୍ରବାର ସଂସ୍ଥା କର୍ତ୍ତୃପକ୍ଷ ଜଣେ ଶିକ୍ଷକଙ୍କୁ ନିଲମ୍ବନ କରିଥିବା ଜଣାପଡିଛି।
ପ୍ରକାଶ ଯେ, ଆଦିବାସୀ ଜନଜାତି ଶିଶୁଙ୍କ ଶିକ୍ଷା କ୍ଷେତ୍ରରେ ଉନ୍ନତି ଆଣିବା ପାଇଁ ସରକାର ବହୁ ଯୋଜନା କରିଛନ୍ତି। ହେଲେ ଏଠାରେ ଶିକ୍ଷା ବଦଳରେ କଠୋର ଅନୁଶାସନ ହେଉଥିବା ଅଭିଯୋଗ ହୋଇଛି। ଏହାର ଉଦାହରଣ ବୁଧବାର ଦେଖିବାକୁ ମିଳିଥିଲା। ବ୍ଲକରେ ଶିଶୁଙ୍କୁ ଶିକ୍ଷାଦାନ କରିବା ଦିଗରେ କାର୍ଯ୍ୟ କରୁଥିବା ଆସ୍ୱାୟ୍ୟାର ସଂସ୍ଥା ଦ୍ୱାରା ନିୟୋଜିତ ହୋଇଥିବା ରୋହିତ୍ କୁମାର ଜୋଶି ନାମକ ଶିକ୍ଷକ ରାସୋଁଳ ପଞ୍ଚାୟତ ଅଧୀନ ମଲ୍ଲାର ସାହି ମାଙ୍କେଡିଆ ବସ୍ତିର ଜଣେ ଛାତ୍ରଙ୍କୁ ସ୍କୁଲରେ ଅନୁପସ୍ଥିତ ଥିବାରୁ ମାଡ଼ ମାରିଥିଲେ। ଫଳରେ ଉକ୍ତ ଛାତ୍ର ଜଣଙ୍କୁ ଜ୍ୱର ହୋଇଯାଇଥିଲା। ହେଲେ ଆସ୍ୱାୟ୍ୟାର ତରଫରୁ ନିୟୋଜିତ ଥିବା କର୍ମଚାରୀ ଉକ୍ତ ଘଟଣାର ତଦନ୍ତ କରିବା ବଦଳରେ ଚପାଇ ଦେବାକୁ ପ୍ରୟାସ କରିଥିଲେ। ଏହା ଜାଣିବା ପରେ ସ୍ଥାନୀୟ ଅଞ୍ଚଳର ବିଭିନ୍ନ ସାମାଜିକ କର୍ମୀ ଓ ଗଣମାଧମ ପ୍ରତିନିଧି ଘଟଣା ବାବଦରେ ଖୋଳତାଡ ଆରମ୍ଭ କରିଥିଲେ। ଏହାପରେ ଉକ୍ତ ଶିକ୍ଷକଙ୍କୁ ନିଲମ୍ବନ କରିଥିବା ଜଣାପଡିଛି। ଏ ସମ୍ପର୍କରେ ଆସ୍ୱାୟ୍ୟାରର ବ୍ଲକ କୋର୍ଡିନେଟର ଜି. ନରେସଙ୍କୁ ପଚାରିବାରୁ ଘଟଣା ସମ୍ପର୍କରେ ଅବଗତ ହେବାପରେ ଶିକ୍ଷକଙ୍କୁ ନିଲମ୍ବନ କରିଥିବା କହିଛନ୍ତି।

### ଶିକ୍ଷୟିତ୍ରୀ ଶିକ୍ଷକଙ୍କ ସାର୍ଟିଫିକେଟ ଯାଞ୍ଚ

ବରୀ,୯।୮(ସ୍ୱ.ପ୍ର.)- ଗଣଶିକ୍ଷା ବିଭାଗର ନିର୍ଦ୍ଦେଶ କ୍ରମେ ଯାଜପୁର ଜିଲା ବରୀ ବ୍ଲକରେ ୨୧୮ ବିଦ୍ୟାଳୟରେ ୧।୧।୨୦୧୧ରୁ ରେଗୁଲାର ହୋଇଥିବା ଶିକ୍ଷୟିତ୍ରୀ ଓ ଶିକ୍ଷକଙ୍କର ସାର୍ଟିଫିକେଟ ଯାଞ୍ଚପ୍ରକ୍ରିୟା ଆରମ୍ଭ ହୋଇଛି। ଏହି ଯାଞ୍ଚ ପ୍ରକ୍ରିୟା ଗତ ୫ ତାରିଖରୁ ଆରମ୍ଭ ହୋଇଥିବାବେଳେ ଆସନ୍ତା ମଙ୍ଗଳବାର ଶେଷ ହେବ। ଶୁକ୍ରବାର ସୁଦ୍ଧା ୧୫୫ ଜଣ ଶିକ୍ଷୟିତ୍ରୀ ଓ ଶିକ୍ଷକଙ୍କର ସାର୍ଟି ଫିକେଟ ଯାଞ୍ଚ କରାଯାଇଛି। ମୋଟ ୨୪୩ ଜଣଙ୍କ ସାର୍ଟିଫିକେଟ ଯାଞ୍ଚ କରାଯିବ। ଏଥିନିମନ୍ତେ ୨ଟି ଟିମ୍ ଗଠନ କରାଯାଇଛି। ଏହି ଟିମ୍‌ରେ ୨ ଜଣ ଏବିଓ ଙ୍କ ସହିତ ୨ ଜଣ କିରାଣି ରହିଛନ୍ତି। ସାର୍ଟିଫିକେଟଗୁଡିକ ଯାଞ୍ଚ ପରେ ପାସ୍ କରିଥିବା ଅନୁଷ୍ଠାନଗୁଡିକୁ ପ୍ରମାଣ ପାଇଁ ପଠାଇଦିଆଯିବ ବୋଲି ବ୍ଲକ ଶିକ୍ଷାଧିକାରୀ ଅଭୟ୍ କୁମାର ବେହେରା କହିଛନ୍ତି। ତେବେ ୧୯୯୧ରୁ ଘରୋଇ ବିଇଡି ଉଠିଯାଇଥିଲାବେଳେ ୧୯୯୫ପରେ ବିଏ ପାସ୍ କରି ଘରୋଇ ବିଇଡି ସାର୍ଟିଫିକେଟ ହାତେଇ ଥିବା ଆଲୋଚନା ହେଉଛି। ସେହିପରି ସିଟି, ବିଇଡି ମାର୍କ ଟ୍ୟାମ୍ପରିଂ କରି କେତେକ ନିଯୁକ୍ତି ପାଇଥିବା ଆଲୋଚନା ହେଉଛି। ଏ ସଂକ୍ରାନ୍ତରେ ବ୍ଲକ ଶିକ୍ଷାଧିକାରୀଙ୍କୁ ପଚାରିବାରୁ ଯାଞ୍ଚ ପ୍ରକ୍ରିୟା ଚାଲୁ ରହିଛି। କୌଣସି ତ୍ରୁଟିପୂର୍ଣ୍ଣ ଥିବା ସାର୍ଟିଫିକେଟ ହସ୍ତଗତ ହୋଇନାହିଁ ବୋଲି କହିଛନ୍ତି।

# ଅବପାତ ସତ୍ତ୍ୱେ ବର୍ଷା ନିରୁତ୍ସାହଜନକ

**ଯାଜପୁର ଅଫିସ,୯।୮**



ଉତ୍ତର ପଶ୍ଚିମ ବଙ୍ଗୋପସାଗରରେ ସୃଷ୍ଟି ହୋଇଥିବା ଲଘୁଚାପ ଅଧିକ ଘନୀଭୂତ ହୋଇ ରାଜ୍ୟବ୍ୟାପୀ ପ୍ରବଳ ବର୍ଷା ହେବ ବୋଲି ପାଣିପାଗ ବିଭାଗ ପକ୍ଷରୁ ସମ୍ଭାବନା ପ୍ରକାଶ ପାଇଥିଲା। ତେବେ ଯାଜପୁର ଜିଲା ସମେତ ଅନ୍ୟ ୧୧ଟି ଜିଲାରେ ପ୍ରବଳରୁ ଅତି ପ୍ରବଳ ବର୍ଷାର ସମ୍ଭାବନା ଥିବାରୁ ଏଥିପାଇଁ ପାଣିପାଗ ବିଭାଗ ପକ୍ଷରୁ ରେଡ ଆଲର୍ଟ ଜାରି କରାଯାଇଥିଲା। ହେଲେ କଳିଙ୍ଗନଗର ଶିଳ୍ପାଞ୍ଚଳରେ ହେଉଥିବା ବ୍ୟାପକ ପ୍ରଦୂଷଣ ଯୋଗୁ ପାଣିପାଗ ବିଭାଗର ଆକଳନ ଏଠାରେ ଫେଲ ମାରିଥିବା ଚର୍ଚ୍ଚା ହେଉଛି। ଗତ ୩ଦିନ ମଧ୍ୟରେ ଜିଲାରେ ହାରାହାରି ମାତ୍ର ୧୮୧ ମି.ମି. ବର୍ଷା ରେକର୍ଡ କରାଯାଇଛି। ଶୁକ୍ରବାର ପୁଣି ଟାଣ ଖରା ଅନୁଭୂତ ହୋଇଛି। ଏଠାରେ ଗୁରୁତ୍ୱପୂର୍ଣ୍ଣ ବିଷୟ ଯେ, ଲଘୁଚାପ ସତ୍ତ୍ୱେ ଏହି ୩ଦିନ ମଧ୍ୟରେ ଜିଲାର ଖଣି ଓ ଶିଳ୍ପାଞ୍ଚଳ ବ୍ଲକ ଦାନଗଦୀ ଓ ସୁକିନ୍ଦାରେ ବର୍ଷା ପରିମାଣ ହ୍ରାସ ପାଇଛି। ଅନ୍ୟପକ୍ଷେ ରାଜ୍ୟର ଅଣଶିଳ୍ପ ଜିଲା କଳାହାଣ୍ଡିରେ ହାରାହାରି ୩୩୬.୧୩ ମି.ମି., କୋରାପୁଟ ଜିଲାରେ ହାରାହାରି ୩୫୪.୮୧, କନ୍ଧମାଳରେ ୨୭୮.୨୦, ରାୟଗଡାରେ ହାରାହାରି ୨୭୯.୬୯ ମି.ମି. ସର୍ବାଧିକ ବର୍ଷା ରେକର୍ଡ କରାଯାଇଛି। ଶ୍ରାବଣ ମାସର ଶେଷ ସପ୍ତାହ ଚାଲିଛି। ଧାରା ଶ୍ରାବଣରେ ଚାଷୀ ଧାନ ରୁଆ କାର୍ଯ୍ୟ ପ୍ରାୟ ସମ୍ପାଦନ କରିଥାଏ। ଏଥିପାଇଁ ପ୍ରାୟ ୩୫୦ ମି.ମି. ବର୍ଷାର ଆବଶ୍ୟକତା ହୋଇଥାଏ। କିନ୍ତୁ ଯାଜପୁର ଜିଲାରେ ଏହା ସମ୍ଭବ ହୋଇନାହିଁ। ଫଳରେ ଅଣଜଳସେଚିତ ଅଞ୍ଚଳ ଚାଷୀଙ୍କ ଚିନ୍ତା ବଢ଼ିଯାଇଛି। ଏଭଳି ସ୍ଥିତିରେ ଚାଷୀ ପୁଣି କେବେ ବେଉଷଣ କରିବେ ସେନେଇ ଭାଳେଣି ପଡିଛି। ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ (ଏସପିସିବି)ର ଖଣି ଓ କାରଖାନାର ପ୍ରଦୂଷଣ ଉପରେ ନିୟନ୍ତ୍ରଣ ରହୁ ନ ଥିବାରୁ ଏଭଳି ପରିସ୍ଥିତି ଦେଖା ଦେଉଥିବା ମତପ୍ରକାଶ ପାଉଛି। ରାତି ୮ଟା ପରେ କୌଣସି ଶିଳ୍ପ କାରଖାନା ଆଉ ଇଏସ୍‌ପି ଚଳାଉ ନାହାନ୍ତି। ଫଳରେ ରାତିସାରା ବିଷାକ୍ତ ଧୂଆଁ ପରିବେଶକୁ ଅସନ୍ତୁଳିତ କରି ପକାଉଛି। ଖଣି ଅଞ୍ଚଳରେ ଅବାଧ ବୃକ୍ଷଛେଦନ ଜଳବାୟୁ ପରିବର୍ତ୍ତନରେ ଅନ୍ୟ କାରଣ ହୋଇଛି। ଏଥିଯୋଗୁ ବାୟୁ ପ୍ରଦୂଷଣ କେବଳ ଅନିୟନ୍ତ୍ରିତ ନୁହେଁ, ବିପଦଜ୍ଜନକ ହେବାରେ ଲାଗିଛି। ବାୟୁ ପ୍ରଦୂଷଣ ନିରୀକ୍ଷଣ କେନ୍ଦ୍ର

**ଶିଳ୍ପ ସମୃଦ୍ଧ ଯାଜପୁର ଜିଲା**
- କାରଖାନା ପ୍ରଦୂଷଣ ସାଜିଛି ବାଧକ
- ୩ ଦିନରେ ହାରାହାରି ମାତ୍ର ୧୮୧ ମି.ମି. ବର୍ଷା

ପକ୍ଷରୁ ୨୦୧୫ରୁ ୨୦୧୭ ମଧ୍ୟରେ ସଂଗୃହୀତ ତଥ୍ୟ ଅନୁସାରେ ରାଜ୍ୟର ୩୪ଟି ସହର ମଧ୍ୟରୁ ଯାଜପୁର ଜିଲାର କଳିଙ୍ଗନଗର ମଧ୍ୟ ବାୟୁ ପ୍ରଦୂଷଣ ତାଲିକାରେ ରହିଛି। ଏହି ସହରରେ ପ୍ରତି ଘନମିଟର (କ୍ୟୁବିକମିଟର) ପିଛା ୧୧୩ ମାଇକ୍ରୋଗ୍ରାମ ରହିଛି। ବେଳହୁଁ ପ୍ରତିକାର ସ୍ୱରୂପ କୌଣସି ଦୃଢ଼ ପଦକ୍ଷେପ ଗ୍ରହଣ କରା ନ ଗଲେ ଏହା ବିଭୀଷିକାମୟ ପରିସ୍ଥିତି ସୃଷ୍ଟି କରିବ ବୋଲି ବିଭିନ୍ନ ଅନୁଷ୍ଠାନ ଓ ପରିବେଶବିତମାନେ ଚେତାବନୀ ଦେଇଛନ୍ତି। କେନ୍ଦ୍ରୀୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ (ସିପିସିବି) ଦ୍ୱାରା ନିର୍ଦ୍ଧାରିତ ବାର୍ଷିକ ବାୟୁ ଗୁଣାତ୍ମକ ମାନ ଘନମିଟର ପିଛା ୬୦ ମାଇକ୍ରୋଗ୍ରାମ କଣିକା ରହିବା କଥା। କିନ୍ତୁ କଳିଙ୍ଗନଗର ଅଞ୍ଚଳରେ ଏହାର ପ୍ରାୟ ଦୁଇଗୁଣ ପ୍ରଦୂଷଣ କଣିକା ରହିଥିବାରୁ ଶିଳ୍ପାଞ୍ଚଳରେ ଗତ ୧୦ବର୍ଷ ମଧ୍ୟରେ ୫୦ ହଜାରରୁ ଉର୍ଦ୍ଧ୍ୱ ଲୋକ ବାୟୁ, ଜଳ ଓ ଧୂଳିଧୂଆଁଜନିତ ରୋଗରେ ଆକ୍ରାନ୍ତ ହୋଇଛନ୍ତି। ଏହା ପାଣିପାଗ ଉପରେ ମଧ ବେଶ ପ୍ରଭାବ ପକାଉଛି। ଫଳରେ ବର୍ଷା ଅନୁପାତ କ୍ରମେ ହ୍ରାସ ପାଇବାରେ ଲାଗିଛି। ଗତ ୬ ତାରିଖରୁ ଲଘୁଚାପ ଅବପାତର ରୂପ ନେବା ସତ୍ତ୍ୱେ ଯାଜପୁର ଜିଲାରେ ଏହି କାରଣରୁ ଆବଶ୍ୟକ ବର୍ଷା ହୋଇପାରି ନାହିଁ ବୋଲି ମତପ୍ରକାଶ ପାଇଛି। ଟାଟା ଷ୍ଟିଲ ସମେତ ଜିନ୍ଦଲ, ନୀଳାଚଳ ଇସ୍ପାତ ନିଗମ, ମେସ୍କୋ ଆଦି ବୃହତ କାରଖାନା ଦାନଗଦି ବ୍ଲକ ଅଞ୍ଚଳରେ ରହିଛି। ଏହି ୩ଦିନ ମଧ୍ୟରେ ଦାନଗଦୀ ବ୍ଲକରେ ମାତ୍ର ୧୬୪ ମି.ମି. ବର୍ଷା ହୋଇଛି। ସେହିପରି ଖଣି ଅଞ୍ଚଳ ସୁକିନ୍ଦା ବ୍ଲକ ଅଞ୍ଚଳରେ ମାତ୍ର ୧୨୯ ମି.ମି. ବର୍ଷା ରେକର୍ଡ କରାଯାଇଛି। ଏହାର ପଡୋଶୀ ବ୍ଲକ ରସୁଲପୁରରେ ୧୫୯ ମି.ମି., ବରୀରେ ୧୧୨ ମି.ମି. ଓ କୋରେଇ ବ୍ଲକରେ ୧୭୪ ମି.ମି. ବର୍ଷା ହୋଇଛି। ଅନ୍ୟପକ୍ଷେ ଯାଜପୁର ବ୍ଲକରେ ୨୪୯ ମି.ମି., ବିଞ୍ଝାରପୁରରେ ୨୬୭, ଦଶରଥପୁରରେ ୧୭୬, ଧର୍ମଶାଳାରେ ୨୨୬ ଓ ବଡ଼ଚଣା ବ୍ଲକରେ ୧୫୪ ମି.ମି. ବର୍ଷା ହୋଇଛି। କଳିଙ୍ଗନଗର ଶିଳ୍ପାଞ୍ଚଳର ପ୍ରଦୂଷଣ ସାରା ଜିଲାର ପାଣିପାଗକୁ ଏଭଳି ପ୍ରଭାବିତ କରିଛି। ସମସ୍ତ ବୃହତ କମ୍ପାନୀରେ କ୍ଲିନର ବୈଷୟିକ ତ୍ରୁଟି, ଫିଲଟର ବ୍ୟାଗ କାମ ନ କରିବା, ଇଏସ୍‌ପି ମେଶିନକୁ ନିୟମିତ ଭାବେ ଚଲା ନ ଯିବା କାରଣରୁ ଏଭଳି ସମ୍ବେଦନଶୀଳ ପରିସ୍ଥିତି ସୃଷ୍ଟି ହୋଇଛି ବୋଲି ମତପ୍ରକାଶ ପାଉଛି। ଏ ସଂକ୍ରାନ୍ତରେ ଏସ୍‌ପିସିବି କଳିଙ୍ଗନଗର ଆଞ୍ଚଳିକ ଅଧିକାରୀ ପ୍ରମୋଦ କୁମାର ବେହେରାଙ୍କୁ ପଚାରିବାରେ, ପ୍ରଦୂଷଣ ନିୟନ୍ତ୍ରଣ ଦିଗରେ ବିଭାଗ କୌଣସି ପ୍ରକାର ହେଳା କରୁନାହିଁ। ତେବେ ବର୍ଷା କାହିଁକି ଆବଶ୍ୟକ ପରିମାଣ ହେଉନାହିଁ ସେ ସମ୍ପର୍କରେ ସେ କିଛି କହି ପାରିବେ ନାହିଁ ବୋଲି କହିଛନ୍ତି।

## ଅସନଝରେ ସେବା ସମବାୟ ସମିତିରେ କୃଷକ କର୍ମଶାଳା

**କୋରେଇ,୯।୮(ସ୍ୱ.ପ୍ର.)**

କୋରେଇ ବ୍ଲକ ଅନ୍ତର୍ଗତ ଅସନଝର ପଞ୍ଚାୟତରେ କନ୍ତୋର ସେବା ସମବାୟ ସମିତି ପକ୍ଷରୁ ଶୁକ୍ରବାର ଏକ କୃଷକ କର୍ମଶାଳା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସେବା ସମବାୟ ସମିତିର ସଭାପତି ହିମାଂଶୁ ଶେଖର ବରାଳଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ କୋରେଇ ବିଧାୟକ ଅଶୋକ ବଳ ଯୋଗଦେଇ କର୍ମଶାଳା ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲାପରିଷଦ ଉପାଧ୍ୟକ୍ଷ ଅମୂଲ୍ୟବାଳା ପାତ୍ର, ନିର୍ବାଚନ ମଣ୍ଡଳୀ ଯୁବ ସାଭାପତି ଧନେଶ୍ୱର ବାରିକ, ପୂର୍ବତନ ବ୍ଲକ ଅଧ୍ୟକ୍ଷ ଭିକାରୀ ଚରଣ ବରାଳ, ଅସନଝର ସମିତିସଭ୍ୟ ନିର୍ମଳା ବେହେରା, ଅନ୍ଧାରୀ ସମିତିସଭ୍ୟ କୁଳମଣି ଦାସ, କଡ଼ମା ସେବାସମବାୟ ସମିତି ସଭାପତି ଭକ୍ତ ବତ୍ସଳ ସ୍ୱାଇଁ, କରଦା ସରପଞ୍ଚ ଗଣେଶ ସାହୁ, ପୂର୍ବତନ ବ୍ଲକ ଉପାଧ୍ୟକ୍ଷ ଅଥୟ କୁମାର ମହାନ୍ତି, ତୁଳତୀ ସରପଞ୍ଚ ଦିପ୍ତିମୟୀ କୁଅଁର,କାଚରାସାହି ସରପଞ୍ଚ ସସ୍ମିତା ତରାଇ, ପଚ୍ଚିକୋଟ ସେବାସମବାୟ ସମିତି ସଭାପତି ରାଜେନ୍ଦ୍ର ରାଉତରାୟ, ପୂର୍ବତନ ସରପଞ୍ଚ ସାରଙ୍ଗ ପ୍ରଧାନ, ସରପଞ୍ଚ ସୁରେଖା ସେଠୀ,ବରିଷ୍ଠ ବିଜେଡି ନେତା ସୁରେନ୍ଦ୍ର ମିଶ୍ର, ପିନାକୀ ରଞ୍ଜନ ଦାସ ଓ ଅଦ୍ୱୈତ ଦାଶ, ସୁଧାଂଶୁ ଶେଖର ବରାଳ, ଶଶିକାନ୍ତ ସ୍ୱାଇଁ, ନିରଞ୍ଜନ ବାରିକ ପ୍ରମୁଖ ଉପସ୍ଥିତ ଥିଲେ।

# ଫନିପାଲ ବିଦ୍ୟାଳୟର ନାମ ପରିବର୍ତ୍ତନକୁ ବିରୋଧ

**ଯାଜପୁର ରୋଡ,୯।୮(ନି.ପ୍ର.)**

କ୍ରାନ୍ତି ଦିବସ ଅବସରରେ ଶୁକ୍ରବାର ସ୍ମୃତି ସଂସଦ କମିଟିର ଆବାହକ ମଦନ ମୋହନ ଜେନାଙ୍କ ଅଧ୍ୟକ୍ଷତାରେ ଶୁକ୍ରବାର ଡ. ଫନିପାଲ ବିଦ୍ୟାଳୟ ପରିସରରେ ଏକ ଖବରଦାତା ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଡ଼. ଫନିପାଲ ଜଣେ ସ୍ୱାଧିନତା ସଂଗ୍ରାମୀ। ସେ ପ୍ରଜା ମଣ୍ଡଳ ଆନ୍ଦୋଳନ ଓ ଯାଜପୁର ରୋଡ ଅଞ୍ଚଳରେ ବାମପନ୍ଥୀ ମୁଖ୍ୟଧାରାରେ ନେତୃତ୍ୱ ନେଇଥିଲେ। ଗରିବ ନିସ୍ପେଶିତ ଲୋକଙ୍କ ସେବାରେ ଶେଷ ଜୀବନ ପର୍ଯ୍ୟନ୍ତ ନିଜକୁ ଉତ୍ସର୍ଗିତ କରିଥିଲେ। ୧୯୮୫ରେ ତାଙ୍କ ନାମରେ ଫନିପାଲ ପ୍ରାଥମିକ ବିଦ୍ୟାଳୟ ପ୍ରତିଷ୍ଠା କରାଯାଇଥିଲା। ଏବେ ଶିକ୍ଷା ବିଭାଗ ପ୍ରାଥମିକ ବିଦ୍ୟାଳୟଗୁଡିକୁ ନିକଟସ୍ଥ ଉଚ୍ଚ ବିଦ୍ୟାଳୟ ସହିତ ମିଶ୍ରଣ କରିବା ପାଇଁ ନିର୍ଦ୍ଦେଶ ଜାରି କରିଛନ୍ତି। ଏହି କ୍ରମରେ





ସ୍ମୃତି ସଂସଦ ପକ୍ଷରୁ ଆୟୋଜିତ ଖବରଦାତା ସମ୍ମିଳନୀ।

ଫନିପାଲଙ୍କ ନାମ ପରିବର୍ତ୍ତନ କରାଗଲେ ସ୍ୱାଧିନତା ସଂଗ୍ରାମୀଙ୍କ ସମ୍ମାନ ଖୁଣ୍ଣ ହେବ। ତେଣୁ ଏହି ବିଦ୍ୟାଳୟକୁ ମିଶ୍ରଣ କରା ନ ଯାଇ ସ୍ଥିତାଅବସ୍ଥା ବଜାଇ ରଖାଯିବ ନେଇ ଖବରଦାତା ସମ୍ମିଳନୀରେ ଦାବି କରାଯାଇଛି। ଏଥିପ୍ରତି ଶିକ୍ଷା ବିଭାଗ ଦୃଷ୍ଟି ନଦେଲେ କ୍ରାନ୍ତି ଦିବସରୁ ସରକାରଙ୍କ ବିରୋଧ ପ୍ରତିବାଦରେ ଅଭିଯାନ ଆରମ୍ଭ ହେବ। ଅକ୍ଟୋବର ୨ରେ କଳିଙ୍ଗନଗର ଅତିରିକ୍ତ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦିଆଯିବ। ଏଥିରେ ବ୍ୟାସନଗର ପୌର ପରିଷଦର ରାଜନେତା, ବୁଦ୍ଧିଜୀବୀ, ଆଇନଜୀବୀ, ସମାଜସେବୀ ସାମିଲ ହେବା ପାଇଁ ନଷ୍ପତ୍ତି ନିଆଯାଇଥିବା ଖବରଦାତା ସମ୍ମିଳନୀରେ ସୂଚନା ଦିଆଯାଇଛି। ଶ୍ରମିକ ନେତା ବିଦ୍ୟାଧର ମହାନ୍ତି, ବରିଷ୍ଠ ଆଇନଜୀବୀ ତଥା ଭାଜପା ନେତା ଚନ୍ଦ୍ର ଶେଖର ପଣ୍ଡା, ରାଜ୍ୟ ଭାଜପା ଯୁବ ମୋର୍ଚ୍ଚା ସଂଯୋଜକ ଅଯୋଧ୍ୟା ଜେନା, ବିଶିଷ୍ଟ ଶିକ୍ଷାବିତ୍ ଆଶିଷ୍ ରାଏ, ପରମାନ୍ଦ ସେଠୀ ପ୍ରମୁଖ ଖବରଦାତା ସମ୍ମିଳନୀରେ ଯୋଗ ଦେଇଥିଲେ। ପ୍ରକାଶ ଯେ, ସ୍ଥାନୀୟ ସ୍ୱାଧିନତା ସଂଗ୍ରାମୀ ଡ. ଫନିପାଲ ବିଦ୍ୟାଳୟକୁ ରାଜ୍ୟ ସରକାର ୧୫।୧୨।୧୮ରେ ଶଶିଭୂଷଣ ବାଳିକା ଉଚ୍ଚ ବିଦ୍ୟାଳୟ ସହିତ ମିଶ୍ରଣ କରିବାକୁ ନର୍ଦ୍ଦେଶ ଦେଇଛନ୍ତି। ଏହାକୁ ଫନିପାଲ ସ୍ମୃତି ସଂସଦ ପକ୍ଷରୁ ବିରୋଧ କରାଯାଇଛି। ସ୍କୁଲର ନାମକୁ ପରିପର୍ତ୍ତନ ନ କରାଯାଇ ଓ ମିଶ୍ରଣ ପ୍ରକ୍ରିୟାକୁ ବନ୍ଦ କରିବା ପାଇଁ ଯାଜପୁର ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ଏହି ବିଦ୍ୟାଳୟର ୨ ଶହ ଛାତ୍ରୀଛାତ୍ର ପାଠ ପଢୁଥିବାରୁ ବାଳିକା ଉଚ୍ଚ ବିଦ୍ୟାଳୟରେ ମିଶିବା ଯଥାର୍ଥ ନୁହେଁ ବୋଲି ଦାବି ପତ୍ରରେ ଉଲ୍ଲେଖ କରାଯାଇଥିଲା। ହେଲେ ବର୍ତ୍ତମାନ ପର୍ଯ୍ୟନ୍ତ କୌଣସି ପଦେକ୍ଷେପ ନିଆଯାଇ ପାରି ନ ଥିବା ସ୍ମୃତି ସଂସଦ ପକ୍ଷରୁ କୁହାଯାଇଛି।

## 'ଖୁସି' ସଚେତନତା କାର୍ଯ୍ୟକ୍ରମ



କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିବୃନ୍ଦ।

**ଧର୍ମଶାଳା,୯।୮(ଡି.ଏନ୍.ଏ.)**
ରାଜ୍ୟ ସରକାରଙ୍କ କିଶୋରୀ ସ୍ୱଚ୍ଛତା କାର୍ଯ୍ୟକ୍ରମ 'ଖୁସି' ଶୁକ୍ରବାର ଧର୍ମଶାଳା ମହିଳା ମହାବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। କ୍ରୀଡ଼ା ଅଧ୍ୟାପିକା ସୁନୀତା ମହାନ୍ତି ଅଧ୍ୟକ୍ଷତା ଆୟୋଜିତ ଉତ୍ସବରେ ଅତିଥିଭାବେ ଜୁନିୟର ମହିଳା ମହାବିଦ୍ୟାଳୟର ଅଧ୍ୟକ୍ଷା ନମିତା ପରିଡ଼ା ଯୋଗଦେଇଥିଲେ। ଏହି ଯୋଜନାରେ ଛାତ୍ରୀମାନଙ୍କୁ ପ୍ରତିମାସରେ ମାଗଣାରେ ନାପକିନ୍ ଯୋଗାଇ ଦିଆଯିବ। ଫଳରେ ଛାତ୍ରୀମାନେ ବିଭିନ୍ନ ରୋଗ ସଂକ୍ରମଣରୁ ରକ୍ଷା ପାଇପାରିବେ ବୋଲି ସେ କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅଧ୍ୟାପିକା ପ୍ରଭାସିନୀ ପ୍ରଧାନ, ସୋନାଲି ସାହୁ, ଗ୍ରନ୍ଥାଗାରିକା ଜୟନ୍ତୀ ସାହୁ ପ୍ରମୁଖ ଯୋଗଦେଇ ଖୁସି କାର୍ଯ୍ୟକ୍ରମ ଉପରେ ଛାତ୍ରୀଙ୍କୁ ବୁଝାଇଥିଲେ। ଶେଷରେ ସୁଶ୍ରୀତା ରାଉତ ଧନ୍ୟବାଦ ଅର୍ପଣ କରିଥିଲେ। ପ୍ରଥମ ପର୍ଯ୍ୟାୟରେ ୨୬୫ ଜଣ ଛାତ୍ରୀଙ୍କୁ ନାପକିନ୍ ବଣ୍ଟାଯାଇଥିବା କଲେଜ ଅଧ୍ୟକ୍ଷା ପରିଡା ସୂଚନା ଦେଇଛନ୍ତି।

## ଏସ୍‌ଏଚ୍‌ଜିଙ୍କୁ ବାରବାଟୀ ଦୋକାନ ଘର ପରିଚାଳନା ଦାୟିତ୍ୱ

**ଯାଜପୁର ଟାଉନ,୯।୮(ଡିଏନଏ)**
ଜିଲା ପ୍ରଶାସନ ଚଳିତ ବର୍ଷ ଧାନ ସଂଗ୍ରହରେ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ (ଏସ୍‌ଏଚ୍‌ଜି)ଙ୍କୁ ସାମିଲ କରିଥିବାବେଳେ ବାରବାଟୀରେ ଥିବା ପରିବା ହାଟର ଦାୟିତ୍ୱ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ପ୍ରଦାନ କରାଯାଇଛି। ସେଠାରେ ଅବ୍ୟବହୃତ ଅବସ୍ଥାରେ ପଡିଥିବା ଦୋକାନ ଘରଗୁଡିକ ବର୍ତ୍ତମାନ ଏସ୍‌ଏଚ୍‌ଜି ଦ୍ୱାରା ପରିଚାଳିତ ହେବ ବୋଲି ଜିଲାପାଳ ରଞ୍ଜନ କୁମାର ଦାସ ସୂଚନା ଦେଇଛନ୍ତି। ଏହି ଦୋକାନ ଘରଗୁଡିକର ମରାମତି ପାଇଁ ନିୟନ୍ତ୍ରିତ ବଜାର କମିଟି ଓ ପଞ୍ଚାୟତିରାଜ ବିଭାଗକୁ ଜିଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ଏହି ଦୋକାନଗୁଡିକରେ ବିଭିନ୍ନ କୃଷିଜାତ ସମାଗ୍ରୀ, ଉତ୍ପାଦିତ ସାମଗ୍ରୀ, ଟସର, ହସ୍ତତନ୍ତ ସାମଗ୍ରୀ, ପାରମ୍ପରିକ ପିଠା ଓ ଅନ୍ୟାନ୍ୟ ପାରମ୍ପରିକ ଦ୍ରବ୍ୟର ବିକ୍ରୟ ପାଇଁ ବ୍ୟବସ୍ଥା କରାଯିବ। ଶୁକ୍ରବାର ଜିଲାପାଳଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଜିଲା ସମାଜ କଲ୍ୟାଣ ବିଭାଗର ବୈଠକରେ ଜିଲାପାଳ ଏହି ପରାମର୍ଶ ଦେଇଛନ୍ତି। ଏହି ଦୋକାନ ଗୃହର ଶୁଭାରମ୍ଭ ଅକ୍ଟୋବରରେ ହେବ ବୋଲି ଜିଲାପାଳ ସୂଚନା ଦେଇଛନ୍ତି।

## ସାହାସପୁର ମହାବିଦ୍ୟାଳୟରେ କ୍ରାନ୍ତି ଦିବସ

**ଚଣ୍ଡିଖୋଲ/ବାଲିଚନ୍ଦ୍ରପୁର,୯।୮(ଡି.ଏନ୍.ଏ.)**
ବାଲିଚନ୍ଦ୍ରପୁରସ୍ଥିତ ସାହାସପୁର ମହାବିଦ୍ୟାଳୟ ପରିସରରେ ଶୁକ୍ରବାର ଅଧ୍ୟକ୍ଷ ସନ୍ତୋଷ କୁମାର ବେହେରାଙ୍କ ଅଧ୍ୟକ୍ଷତାରେ କ୍ରାନ୍ତି ଦିବସ ପାଳିତ ହୋଇଯାଇଛି। ବିଶିଷ୍ଟ ଐତିହାସିକ ତଥା ଅବସରପ୍ରାପ୍ତ ଅଧ୍ୟକ୍ଷ ହରିଶ୍ ଚନ୍ଦ୍ର ପୃଷ୍ଟି ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ଭକ୍ତ ଚରଣ ସାହୁ ମୁଖ୍ୟବକ୍ତା, ସମ୍ମାନିତ ଅତିଥି ଭାବେ ବରିଷ୍ଠ ଅଧ୍ୟାପକ କିଶୋର ଚନ୍ଦ୍ର ବେହୁରା, ଅଧ୍ୟାପିକା ନିରୁପମା ବେହୁରା ଓ ଖବରଦାତା ପ୍ରଦୀପ୍ତ କୁମାର ପୃଷ୍ଟି ପ୍ରମୁଖ ଯୋଗ ଦେଇଥିଲେ। ପରିବେଶବିତ୍ ପିିିଏସ୍ ପୃଷ୍ଟି ଧନ୍ୟବାଦ ଅର୍ପଣ କରିଥିଲେ।

## ଭାରତୀୟ ଷ୍ଟେଟବ୍ୟାଙ୍କର ସୁଧ ନୀତିକୁ ଘୋର ବିରୋଧ

**ଯାଜପୁର ଅଫିସ,୯।୮**

ଭାରତୀୟ ଷ୍ଟେଟବ୍ୟାଙ୍କ ସୁଧ ନୀତିକୁ ଯାଜପୁର ଜିଲାର ବରିଷ୍ଠ ନାଗରିକ ଓ ଅବସରପ୍ରାପ୍ତ ସରକାରୀ କର୍ମଚାରୀମାନେ ଘୋର ବିରୋଧ କରିଛନ୍ତି। ଦୀର୍ଘ ଦିନଧରି ଏହି ବ୍ୟାଙ୍କ ବିଭିନ୍ନ ମେରୀରାୟ ନୀତି ଚଳାଇ ଆସିଥିବାରୁ ଗରୀବ ଓ ମଧ୍ୟବିତ୍ତ ଶ୍ରେଣୀର ଗ୍ରାହକମାନେ ସେମାନଙ୍କ ଅଜ୍ଞାତରେ କ୍ଷତି ସହି ଚାଲିଛନ୍ତି। ଷ୍ଟେଟବ୍ୟାଙ୍କରେ ବରିଷ୍ଠ ନାଗରିକମାନେ ଅବସର ପରେ ଯେଉଁ ପ୍ରାପ୍ୟ ପାଆନ୍ତି ତାହାକୁ ଜୀବନର ଶେଷ ପର୍ଯ୍ୟନ୍ତ ନିଜର ସମ୍ବଳ ମନେ କରି କିଏ ସ୍ଥାୟୀ ତ' ଆଉ କିଏ ଅସ୍ଥାୟୀ ଜମା କରି ଥାଆନ୍ତି। ବର୍ଷରେ ଥରେ ତାଙ୍କ ନିୟମ ମୁତାବକ କେ-ୱାଇସି ଫର୍ମ ପୁରଣ କରି ଦେଇ ଥାଆନ୍ତି। ମାତ୍ର ଏହି ବ୍ୟାଙ୍କ ବର୍ଷ ଶେଷରେ ଏହି ଜମାରୁ ୨ହଜାରରୁ ଅଧିକ ଟଙ୍କା କାଟି ରଖୁଛନ୍ତି। ଆଉ ଏନେଇ ପ୍ରଶ୍ନ କଲେ କିଛି ସନ୍ତୋଷଜନକ ଉତ୍ତର ମଧ୍ୟ ମିଳୁ ନାହିଁ। ଗୋପନୀୟ ନିୟମ ଅଛି ଥିବାବେଳେ ବ୍ୟାଙ୍କ ଗ୍ରାହକଙ୍କୁ ଏ ବିଷୟରେ କିଛି ସୂଚନା ଦେଉ ନଥିବା ଜଣାପଡ଼ିଛି। ଗରିବ ତୃତୀୟ ଶ୍ରେଣୀର ଅବସରପ୍ରାପ୍ତ ସରକାରୀ କର୍ମଚାରୀଙ୍କ ଗ୍ରାହକ ସଂଖ୍ୟା ଏହି ବ୍ୟାଙ୍କରେ ଅଧିକ ଥିବା ଜଣାଯାଇଛି। ଏହା ବ୍ୟତୀତ ଯେଉଁମାନେ ୫୦୦ରୁ ୧୦୦୦ ଦିନିଆ ସ୍ଥାୟୀ ଜମା ରଖୁଛନ୍ତି ସେମାନଙ୍କ ସୁଧରୁ ପ୍ରତିଥର ବ୍ୟାଙ୍କ ଖର୍ଚ୍ଚ ବାବଦକୁ ମନ ଇଚ୍ଛା ଟଙ୍କା କଟା ଯାଉଥିବା ଅଭିଯୋଗ ହୋଇଛି। ଯେଉଁମାନେ ଇନ୍‌କମ୍ ଟ୍ୟାକ୍ସ ରିଟର୍ନ ଜାଣିନାହାନ୍ତି ସେମାନଙ୍କୁ ସେହି ବାହାନାରେ ମଧ୍ୟ କିଛି ଜରିମାନା ଆଦାୟ କରୁଥିବା ବହୁ ଗ୍ରାହକ ଅଭିଯୋଗ କରିଛନ୍ତି। ଏଥିପାଇଁ କେ-ୱାଇସି ଫର୍ମ ବର୍ଷରେ ଥରେ ଦାଖଲ କଲେ ମଧ୍ୟ ସେମାନେ ପୁଣି ଦୁଇଥର ଦାଖଲ ନ କଲେ ଜମାରୁ ଟଙ୍କା କଟିଯିବା ନିର୍ଦ୍ଦେଶ ଥିବା ଦର୍ଶାଇ ଚାଲିଛନ୍ତି। ଏହା ବ୍ୟତିତ ରିଜର୍ଭ ବ୍ୟାଙ୍କ ଗଭର୍ଣ୍ଣରର ବରିଷ୍ଠ ନାଗରିକ, ଅବସରପ୍ରାପ୍ତ ତୃତୀୟ ଶ୍ରେଣୀର କର୍ମଚାରୀଙ୍କ ସ୍ଥାୟୀ ଜମାର ସୁଧ ବର୍ଷକୁ ଦୁଇରୁ ତିନିଥର ହ୍ରାସ କରି ଚାଲିଥିବା ଦୁଃଖର ବିଷୟ ବୋଲି ବହୁ ଗ୍ରାହକ କହୁଛନ୍ତି। ଅବସରପ୍ରାପ୍ତ କର୍ମଚାରୀ ସୁଧରୁ ପରିବାରର ବ୍ୟୟ ନିର୍ଭର କରୁଥିବାବେଳେ ବ୍ୟାଙ୍କ ସେମାନଙ୍କୁ ନିରାଶ କରି ଚାଲିଥିବା ଜିଲାର ବହୁ ବରିଷ୍ଠ ନାଗରିକଙ୍କ ପକ୍ଷରୁ ଅଭିଯୋଗ ହୋଇଛି।

# ସନ୍ତାନ ଜନ୍ମର ୩ ବର୍ଷ ପରେ ବି ମିଳିଲାନି ଅର୍ଥ

**ବିଞ୍ଝାରପୁର,୯।୮(ଡି.ଏନ.ଏ)**

ସରକାର କୋମଳମତି ଶିଶୁଙ୍କ ପାଇଁ ବିଭିନ୍ନ ଯୋଜନା ମାଧ୍ୟମରେ କୋଟିକୋଟି ଟଙ୍କା ବ୍ୟୟ କରୁଛନ୍ତି। ମାତ୍ର ବାସ୍ତବରେ ଉକ୍ତ ଯୋଜନା ସବୁ ହିତାଧିକାରୀଙ୍କ ନିକଟରେ ପହଞ୍ଚିପାରୁ ନାହିଁ। ବିଭାଗୀୟ କର୍ମଚାରୀଙ୍କ ଦାୟିତ୍ୱହୀନତା ଯୋଗୁ ହିତାଧିକାରୀଙ୍କୁ ଯୋଜନାର ସୁଫଳ ମିଳିପାରୁ ନାହିଁ। ବିଞ୍ଝାରପୁର ବ୍ଲକରେ ସମନ୍ୱିତ ଶିଶୁବିକାଶ ଯୋଜନା ସମ୍ପୂର୍ଣ୍ଣ କାଗଜ କଲମରେ ଚାଲିଛି। ଏହି ଯୋଜନା ବିଞ୍ଝାରପୁର ବ୍ଲକରେ ଫେଲ୍ ମାରିଛି ବୋଲି ସାଧାରଣରେ ଚର୍ଚ୍ଚା ହେଉଛି। ବିଭାଗୀୟ ଅଧିକାରୀଙ୍କ ଖାମଖିଆଲି ଯୋଗୁ ହିତାଧିକାରୀ ଅତିଷ୍ଠ ହୋଇପଡ଼ିଲେଣି। ଏହି ବିଭାଗ ଅଧୀନରେ ଗର୍ଭବତୀ ମହିଳା ଓ ଶିଶୁଙ୍କ ସୁରକ୍ଷା ପାଇଁ ରାଜ୍ୟ ସରକାର ପ୍ରଣୟନ କରିଥିବା ଯୋଜନାଗୁଡିକ ଠିକ୍ ଭାବେ ଉପଯୋଗ ହୋଇପାରୁ ନ ଥିବା ଅଭିଯୋଗ ହେଉଛି। ଏହାର ଏକ ନମୂନା ଦେଖିବାକୁ ମିଳିଛି ବିଞ୍ଝାରପୁର ବ୍ଲକରେ। ବର୍ଷବର୍ଷ ଧରି ମମତା ଯୋଜନାରେ ସହୟତା ଅର୍ଥ ନ ପାଇ ବାରମ୍ବାର



ସମନ୍ୱିତ ଶିଶୁ ବିକାଶ କାର୍ଯ୍ୟାଳୟକୁ ଧାଇଁ ଥକି ପଡ଼ିଲେଣି ଜରୀ ପଞ୍ଚାୟତର ଦଳିତ ଦମ୍ପତି ପ୍ରେମାନଙ୍କ ମଲ୍ଲିକ(୩୩) ଓ ସ୍ତ୍ରୀ ସସ୍ମିତା (୨୯)। ପ୍ରେମାନଙ୍କ ଜଣେ ଗରିବ ଲୋକ। ଦୈନିକ ମଜୁରୀ ହିସାବରେ ଯେଉଁ ପାରିଶ୍ରମିକ ପାଆନ୍ତି ସେଥିରେ ତାଙ୍କ ଗୁଜୁରାଣ ମେଣ୍ଟିଥାଏ। ସସ୍ମିତା ୨୦୧୩ରେ ଏକ ଶିଶୁପୁତ୍ରକୁ ଜନ୍ମ ଦେଇଥିଲେ। ପୁଅ ଜନ୍ମ ହେବା ସମୟରେ ମମତା ଯୋଜନାରେ କିସ୍ତି ମୁତାବକ ୫ହଜାର ଟଙ୍କା ପାଇବା ପରିବର୍ତ୍ତେ ସସ୍ମିତାଙ୍କୁ ତିନୋଟି କିସ୍ତିରେ ୪୫୦୦ ଟଙ୍କା ମିଳିଥିଲା। ମାତ୍ର ତୃତୀୟ କିସ୍ତିରେ ୧୦୦୦ ଟଙ୍କା ମିଳିବାର ନିୟମ ରହିଥିବାବେଳେ ଭୁଲ୍ ବଶତଃ ତାଙ୍କ ବ୍ୟାଙ୍କ ଖାତାକୁ ୧୫୦୦ ଟଙ୍କା ଚାଲି ଆସିଥିବାରୁ ବିଭାଗୀୟ କର୍ମଚାରୀ ସସ୍ମିତାଙ୍କଠାରୁ ୫୦୦ ଟଙ୍କା ଫେରାଇ ନେଇଥିଲେ। ୪ର୍ଥ କିସ୍ତିରେ ଆଉ ଏକ ହଜାର ଟଙ୍କା ତାଙ୍କ ବ୍ୟାଙ୍କ ଖାତାକୁ ଆସିବ ବୋଲି ପ୍ରକାଶ କରିଥିଲେ। ମାତ୍ର ଏହି ଅର୍ଥ ଏଯାବତ୍ ଆସିନାହିଁ। ୨୦୧୬ରେ ସସ୍ମିତା ଆଉ ଏକ ଶିଶୁପୁତ୍ରକୁ ଜନ୍ମ ଦେଇଥିଲେ। ଗର୍ଭବତୀ ହେବା ପରଠାରୁ ପୃଷ୍ଟିକର ଖାଦ୍ୟ ଯୋଗାଣ ପାଇଁ ରାଜ୍ୟ ସରକାର କିସ୍ତି ମୁତାବକ ମମତା ଯୋଜନାରେ ଅର୍ଥ ପ୍ରଦାନ କରିଥାନ୍ତି। ମାତ୍ର ସସ୍ମିତାଙ୍କ ଦ୍ୱିତୀୟ ପୁଅ ବେଳକୁ ସେ ମମତା ଯୋଜନାରେ ଆଦୌ ଆର୍ଥ ପାଇନାହାନ୍ତି। ଏହି ଅର୍ଥ ପାଇବାକୁ ସସ୍ମିତା ବିଞ୍ଝାରପୁର ସିଡିପିଓଙ୍କ କାର୍ଯ୍ୟାଳୟକୁ କୋମଳମତି ଶିଶୁଙ୍କୁ ସାଙ୍ଗରେ ଧରି ବାରମ୍ବାର ଧାଉଁଥିଲେ ମଧ୍ୟ ତାଙ୍କ ଗୁହାରୀ କେହି ଶୁଣୁ ନ ଥିବା ଅଭିଯୋଗ ହୋଇଛି। ସସ୍ମିତାଙ୍କ ମମତା ଅର୍ଥକୁ ଚଞ୍ଚକତା କରି ହଡ଼ପ କରାଯାଇଥିବା ଅଭିଯୋଗ ହେଉଛି। ବିଭାଗୀୟ କର୍ମଚାରୀମାନେ ବାରମ୍ବାର ବ୍ୟାଙ୍କ ଜମାବହି ଜେରକ୍ସ କରି ଆଣି ଦେବାକୁ କହି ବର୍ଷବର୍ଷ ଧରି ସସ୍ମିତାଙ୍କୁ ଭଣ୍ଡାଇ ଚାଲିଛନ୍ତି। ଏହି ମମତା ଅର୍ଥ ଯୋଗାଇ ଦେବା ପାଇଁ ହାତଗୁଞ୍ଜା ଦେବାକୁ ମଧ୍ୟ ବାଧ କରାଯାଉଛି ବୋଲି ଅଭିଯୋଗ ହେଉଛି। ଏନେଇ ସିଡିପିଓ ପ୍ରାଣେଶ୍ୱରୀ ପାଣିଗ୍ରାହୀଙ୍କୁ ପଚାରିବାରୁ, ଏହି ଘଟଣା ତାଙ୍କ ନଜରକୁ ଆସି ନ ଥିଲା। ଏବେ ଏହି ଘଟଣାର ତଦନ୍ତ କରି ହିତାଧିକାରୀଙ୍କୁ ତୁରନ୍ତ ଅର୍ଥ ପ୍ରଦାନ ଦିଗରେ ପଦକ୍ଷେପ ଗ୍ରହଣ କରାଯିବ ବୋଲି ପ୍ରକାଶ କରିଛନ୍ତି।

**ବିଞ୍ଝାରପୁର ବ୍ଲକରେ ମମତା ଯୋଜନା ଫେଲ୍**
- ପ୍ରଥମ ସନ୍ତାନ ଜନ୍ମ ସମୟରେ ମିଳିନି ଆହୁରି ହଜାରେ ଟଙ୍କା
- ଦ୍ୱିତୀୟ ସନ୍ତାନ ସମୟରେ ମିଳିଲାନି ଆଦୌ ଅର୍ଥ ରାଶି
- ଅର୍ଥ ହଡ଼ପ କରାଯାଇଥିବା ଅଭିଯୋଗ

ଧରିତ୍ରୀ
DHARITRI
ଭୁବନେଶ୍ୱର,ଶନିବାର, ୧୦ ଅଗଷ୍ଟ, ୨୦୧୯




ପ୍ରାତଃ କାଳରେ ଦୀର୍ଘ ସମୟ ପ୍ରାର୍ଥନାରେ ବସି ସୁଦ୍ଧା ଦିବସଯାକ ମିଥ୍ୟା, ହିଂସା ଓ କୃପାର ବଶବର୍ତ୍ତୀ ହେବା ବ୍ୟକ୍ତି ପ୍ରଭୁଭକ୍ତ ହୋଇପାରେ ନାହିଁ।
- ସାମବେଦ



## ସଂକ୍ଷେପରେ

### 'ଶିକ୍ଷା ହିଁ ମାନବ ଜୀବନର ଶ୍ରେଷ୍ଠ ଉପାଦେୟ'

ଦଶରଥପୁର,୯।୮(ଡିଏନ୍ଏ): ମାନବ ଜୀବନର ଶିକ୍ଷା ଏକ ଅବିଚ୍ଛେଦ୍ୟ ଅଙ୍ଗ । ଏଣୁ ସୁସ୍ଥ ଏବଂ ସୁନ୍ଦର ସମାଜ ଗଠନ କ୍ଷେତ୍ରରେ ମାନବ ଜୀବନ ଲାଗି ଶିକ୍ଷା ହିଁ ଶ୍ରେଷ୍ଠ ଉପାଦେୟ ବୋଲି ଦଶରଥପୁର ବ୍ଲକ ମଙ୍ଗଳପୁରସ୍ଥିତ ଗ୍ରୀନ୍ଲ୍ୟାଣ୍ଡ ପବ୍ଲିକ୍ ସ୍କୁଲର ୧୧ତମ ପ୍ରତିଷ୍ଠା ଦିବସ ପାଳନ ଅବସରରେ ମୁଖ୍ୟ ଅତିଥିଭାବେ ଯୋଗଦେଇ ବିଞ୍ଝାରପୁର ଏବିଇଓ ଅନ୍ନଦା ପ୍ରସାଦ ରଣା ମତ ପ୍ରକାଶ କରିଛନ୍ତି। ଦଶରଥପୁର ବ୍ଲକର ଅଗ୍ରଣୀ ଶିକ୍ଷାନୁଷ୍ଠାନଭାବେ ପରିଚୟ ସୃଷ୍ଟି କରିଥିବା ଗ୍ରୀନଲ୍ୟାଣ୍ଡ ପବ୍ଲିକ ସ୍କୁଲର ୧୧ତମ ପ୍ରତିଷ୍ଠା ଦିବସ ଅବସରରେ ନିର୍ଦ୍ଦେଶକ ସୁରଥ ଭୂୟାଁଙ୍କ ଅଧକ୍ଷତାରେ ବିଦ୍ୟାଳୟ ପରିସରରେ ଏକ ସଭା ଆୟୋଜନ କରାଯାଇଥିଲା। ଏଥିରେ ମଞ୍ଚାସୀନ ଅତିଥିଭାବେ ଦଶରଥପୁର ବ୍ଲକ ଏବିଓ ରବିନାରାୟଣ ତ୍ରିପାଠୀ, ଅଧାପାକ କୈଳାସ ଚନ୍ଦ୍ର ସାମଲ, ସ୍କୁଲର ସଭାପତି ଅନାମ ଚରଣ ସେନାପତି, ଅଧକ୍ଷ ଚକ୍ରଧର ବିଶ୍ୱାଳ ପ୍ରମୁଖ ଅତିଥିଭାବେ ଯୋଗ ଦେଇଥିଲେ। ତେବେ ଶିକ୍ଷା ଅନୁଷ୍ଠାନ ପକ୍ଷରୁ ପୂର୍ବରୁ ସ୍କୁଲରେ ହୋଇଥିବା କ୍ରୀଡା, ଚିତ୍ରାଙ୍କନ, ନୃତ୍ୟ, ଗୀତ, ଅଲମ୍ପିଆଡ ଆଦି ପ୍ରତିଯୋଗିତାର କୃତି ଛାତ୍ରୀଛାତ୍ରଙ୍କୁ ଅତିଥିଙ୍କ ଦ୍ୱାରା ପ୍ରମାଣପତ୍ର ଏବଂ ପଦକ ପ୍ରଦାନ କରାଯାଇ ପୁରସ୍କୃତ କରାଯାଇଥିଲା। ଅନ୍ୟମାନଙ୍କ ମଧରେ ସ୍କୁଲ ଶିକ୍ଷୟିତ୍ରୀଶିକ୍ଷକ ରଶ୍ମିତା ମହାନ୍ତି, ସନ୍ଧ୍ୟାରାଣୀ ଦାସ, ଇନ୍ଦ୍ରାଣୀ ପୃଷ୍ଟି, ସସ୍ମିତା ମହାପାତ୍ର, ଦେବସ୍ମିତା ପତି, ପ୍ରଜ୍ଞାସିନୀ ସାମଲ, ବିଶ୍ୱ ପ୍ରକାଶ ପୃଷ୍ଟି, ମାନସ ରଞ୍ଜନ ସାହୁ, ଷ୍ଟିପେନ ପଣ୍ଡା, ପ୍ରଦୀପ ନାୟକ ପ୍ରମୁଖଙ୍କ ସମେତ ଛାତ୍ରୀଛାତ୍ର ଏବଂ ଅବିଭାବକ ଯୋଗ ଦେଇଥିଲେ ।

### ବାଇକ୍ରୁ ପଡ଼ି ମହିଳା ଗୁରୁତର

ରସୁଲପୁର,୯।୮(ଡିଏନଏ): ରସୁଲପୁର ବ୍ଲକ ଅନ୍ତର୍ଗତ କୁଆଖିଆ-ଜେନାପୁର ପୂର୍ତ୍ତ ବିଭାଗ ରାସ୍ତାର ଜିଲାପରିଷଦ ଅଧକ୍ଷଙ୍କ ବାସଭବନ ସମ୍ମୁଖରେ ଶୁକ୍ରବାର ରାତି ପ୍ରାୟ ୮ଟାରେ ଏକ ବାଇକ୍ ଦୁର୍ଘଟଣାଗ୍ରସ୍ତ ହୋଇଛି। ଫଳରେ ଜଣେ ସଂଖ୍ୟାଲଘୁ ସମ୍ପ୍ରଦାୟର ମହିଳା ଗୁରୁତର ହୋଇଛନ୍ତି। ଆହତ ମହିଳା ହେଲେ କୁଆଖିଆ ଥାନା ଅନ୍ତର୍ଗତ ରାହାମ୍ଭା ପଞ୍ଚାୟତ ମିର୍ଜାପୁର ଗ୍ରାମର ସୟେଦ୍ ଖାତୁନ(୩୮)। ସେ ବ୍ରହ୍ମବରଦା ଅଞ୍ଚଳସ୍ଥିତ ଶାଶୁ ଘରୁ ବଡ ବାପା ପୁଅ ସହ ବାପ ଘରକୁ ଏକ ବାଇକ୍ରେ ଆସୁଥିଲେ। ବାଇକ୍ଟି ରାସ୍ତା ଉପରେ ଥିବା ଏକ ବଡ ଗାତରେ ଖସି ପଡ଼ିଥିଲା। ଫଳରେ ପଛରେ ବସିଥିବା ମହିଳା ଖାତୁନ୍ ବାଇକ୍ରୁ ଖସି ପଡିଥିଲେ । ତାଙ୍କ ମୁଣ୍ଡରେ ଗଭୀର ଆଘାତ ଲାଗିଛି। ତାଙ୍କୁ ସ୍ଥାନୀୟ ଲୋକେ ମଧୁବନ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ସେଠାରେ ତାଙ୍କ ଅବସ୍ଥା ଗୁରୁତର ହୋଇପଡିବାରୁ ପ୍ରାଥମିକ ଚିକିତ୍ସା ପରେ ତାଙ୍କୁ କଟକ ବଡ଼ ଡାକ୍ତରଖାନାକୁ ସ୍ଥାନାନ୍ତରିତ କରାଯାଇଛି।

## ■ ନୀଳାଚଳ କାରଖାନାରେ ଠିକାସଂସ୍ଥାର ଚଞ୍ଚକତା

# ଶ୍ରମିକଙ୍କ ମୃତ୍ୟୁ ପରେ ବୀମା

ଯାଜପୁର ଅଫିସ,୯।୮

ଯାଜପୁର ଜିଲା କଳିଙ୍ଗନଗର ଶିଳ୍ପାଞ୍ଚଳରେ ନିୟୋଜିତ ଠିକାସଂସ୍ଥା ଜଣେ ଠିକା ଶ୍ରମିକଙ୍କ ମୃତ୍ୟୁ ପରେ ଦଳଗତ ବ୍ୟକ୍ତିଗତ ଦୁର୍ଘଟଣା ବୀମା (ଗ୍ରୁପ ପର୍ସନାଲ ଆକ୍ସିଡେଣ୍ଟ ଇନ୍ସ୍ୟୁରାନ୍ସ) କରିଛି। ଫଳରେ ଠିକା ଶ୍ରମିକଙ୍କ ପରିବାରବର୍ଗ ବୀମା ସୁବିଧା ପାଇବାରୁ ବଞ୍ଚିତ ହୋଇଛନ୍ତି। ଏହା ସମ୍ପୂର୍ଣ୍ଣ ବେଆଇନ ହୋଇଥିଲେ ହେଁ କମ୍ପାନୀ କର୍ତ୍ତୃପକ୍ଷ ସମ୍ପୃକ୍ତ ଠିକାସଂସ୍ଥାକୁ ଅହେତୁକ ଅନୁକମ୍ପା ପ୍ରଦର୍ଶନ କରୁଛନ୍ତି । ଏଭଳି ଘଟଣା ଦେଖିବାକୁ ମିଳିଛି ନୀଳାଚଳ ଇସ୍ପାତ କାରଖାନାରେ ନିୟୋଜିତ ଠିକାସଂସ୍ଥା ମେସର୍ସ କର୍ତ୍ତୃପକ୍ଷ ପରମାନନ୍ଦ ନାୟକଙ୍କ ନିକଟରେ କାର୍ଯ୍ୟ କରିଥିବା ଚନ୍ଦ୍ରକାନ୍ତ ବାରିକଙ୍କ କ୍ଷେତ୍ରରେ। ଏନେଇ ଚନ୍ଦ୍ରକାନ୍ତଙ୍କ ସ୍ତ୍ରୀ କବିତା ଦୀର୍ଘ ଅଢେଇ ବର୍ଷରୁ ଉର୍ଦ୍ଧ୍ୱ କାଳ ସମ୍ପୃକ୍ତ ଠିକାସଂସ୍ଥା, ଜିଲା ପ୍ରଶାସନ ଓ କମ୍ପାନୀ କର୍ତ୍ତୃପକ୍ଷଙ୍କ ନିକଟକୁ ଦୌଡ଼ି ଦୌଡ଼ି ନୟାନ୍ତ ହୋଇଛନ୍ତି। ଶେଷରେ ବାଧ୍ୟ ହୋଇ କମ୍ପାନୀ ଗେଟ୍ ସମ୍ମୁଖରେ ଧାରଣା ଦେଇ ଆତ୍ମାହୁତି କରିବାକୁ ଚେତାବନୀ ଦେଇଛନ୍ତି। ସୂଚନାଯୋଗ୍ୟ ଯେ, ଠିକାଶ୍ରମିକ ଚନ୍ଦ୍ରକାନ୍ତ ୨୨।୧।୨୦୧୭ରେ ଏକ ସଡ଼କ ଦୁର୍ଘଟଣାରେ ମୃତ୍ୟୁବରଣ କରିଥିଲେ । ସେ ମେସର୍ସ ପରମାନନ୍ଦ ନାୟକ ଠିକାସଂସ୍ଥା ଅଧୀନରେ ନୀଳାଚଳ କାରଖାନାରେ କୋକ୍ ଓଭେନ ସାଇଟ୍ରେ କାର୍ଯ୍ୟ କରୁଥିଲେ। ତେବେ ମୃତ୍ୟୁ ପୂର୍ବରୁ ନିଉ ଇଣ୍ଡିଆ ବୀମା କମ୍ପାନୀରେ ଚନ୍ଦ୍ରକାନ୍ତ ବୀମା (୫୫୦୭୦୦୪୨୧୫୦ ୧୦୦୦୦୦୦୪୧ ନମ୍ବର) ହୋଇଥିଲା। ଏହି ବୀମାର ଅବଧି ୧୦।୧।୨୦୧୬ରୁ ୯।୧।୨୦୧୭ ପର୍ଯ୍ୟନ୍ତ ରହିଥିଲା। ଅବଧି ସମୟ ସରିବା ପରେ ମଧ୍ୟ ଠିକାସଂସ୍ଥା ପକ୍ଷରୁ ଶ୍ରମିକଙ୍କ ବୀମା ନବୀକରଣ କରାଯାଇ ନ ଥିଲା। ନୀଳାଚଳ କାରଖାନାର କାର୍ଯ୍ୟାଦେଶ ଅନୁସାରେ ବୀମା ହୋଇ ନ ଥିଲେ ସମ୍ପୃକ୍ତ ଶ୍ରମିକଙ୍କୁ ଗେଟ୍ ପାସ୍ ଦିଆଯିବା କଥା ନୁହେଁ। ମାତ୍ର ଶ୍ରମିକ ଚନ୍ଦ୍ରକାନ୍ତଙ୍କୁ ଗେଟ୍ ପାସ ଦିଆଯାଇଥିବାରୁ ସେ ନିୟମିତ ଭାବେ କାର୍ଯ୍ୟ କରୁଥିଲେ। ଇତିମଧ୍ୟରେ ୨୧।୧।୨୦୧୭ରେ କର୍ମକ୍ଷେତ୍ରକୁ ଯାଉଥିବା ସମୟରେ ଏକ ସଡ଼କ ଦୁର୍ଘଟଣାରେ ଗୁରୁତର ହୋଇଥିଲେ। ସେ କଟକ ବଡ ମେଡିକାଲରେ ଚିକିତ୍ସାଧୀନ ଥିବାବେଳେ ତାଙ୍କର ୨୨।୧।୨୦୧୭ରେ ମୃତ୍ୟୁ ହୋଇଯାଇଥିଲା। ଏହାପରେ ଠିକାସଂସ୍ଥା ମାଲିକ ନିଜକୁ ବଞ୍ଚେଇବାକୁ ଯାଇ ତରବରିଆ ଭାବେ ଚନ୍ଦ୍ରକାନ୍ତଙ୍କ ନାମରେ ୨୩।୧।୨୦୧୭ରେ ନିଉ ଇଣ୍ଡିଆ ବୀମା କମ୍ପାନୀରେ ପଲିସି ନମ୍ବର ୫୫୦୭୦୦୪୨୧୬ ୦୧୦୦୦୦୦୧୦୮ରେ ପଞ୍ଜୀକୃତ କରିଥିଲେ। ମାତ୍ର ବିଡମ୍ବନା ଯେ, ଜଣେ ଶ୍ରମିକଙ୍କ ମୃତ୍ୟୁ ପରେ ବୀମା କରିବା ଏକ ଧର୍ତ୍ତବ୍ୟ ଅପରାଧ ହୋଇଥିଲେ ହେଁ ନୀଳାଚଳ କମ୍ପାନୀର କେତେଜଣ ଅସାଧୁ ଅଧିକାରୀ ଜାଣିଶୁଣି ଠିକାସଂସ୍ଥା ମାଲିକଙ୍କୁ ସୁରକ୍ଷା ଯୋଗାଇ ଆସୁଛନ୍ତି। ଏଥିରେ ଠିକା ଶ୍ରମିକଙ୍କ ପରିବାରବର୍ଗ ଅସହାୟ ଅବସ୍ଥାରେ ରହୁଛନ୍ତି। ରୋଜଗାରିଆ ସ୍ୱାମୀଙ୍କୁ ହରାଇ ସ୍ତ୍ରୀ, ଝିଅ ଓ ବୃଦ୍ଧ ଶାଶୁ ଶ୍ୱଶୁର ଆର୍ଥିକ ଅନଟନର ଶିକାର ହେଉଛନ୍ତି। ବୀମା କରିବାରେ ଚଞ୍ଚକତା ଓ ଅନିୟମିତତା ଯୋଗୁ ୫ଲକ୍ଷ ଟଙ୍କା ବୀମା ରାଶି ପାଇବାରୁ କବିତା ଓ ତାଙ୍କ ପରିବାରବର୍ଗ ବଞ୍ଚିତ ହୋଇଛନ୍ତି। ଏଥିପାଇଁ କବିତା ପ୍ରଧାନମନ୍ତ୍ରୀ, ମୁଖ୍ୟମନ୍ତ୍ରୀ, ବାଣିଜ୍ୟ ମନ୍ତ୍ରୀ, ଜାତୀୟ ମାନବାଧିକାର କମିଶନ, ଜିଲାପାଳ, ଏନ୍ଆଇଏନ୍ଏଲ କର୍ତ୍ତୃପକ୍ଷ ପ୍ରମୁଖଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ହେଲେ କେହି ଏଥିପ୍ରତି ଦୃଷ୍ଟି ଦେଇ ନ ଥିଲେ। ଅନ୍ୟପକ୍ଷେ ଏହି ମାମଲା ଗଡାଇବାକୁ ଠିକାସଂସ୍ଥା ଆଇନର ଆଶ୍ରୟ ନେଇଥିବା ଜଣାପଡିଛି। ଏ ସଂକ୍ରାନ୍ତରେ ନୀଳାଚଳ କାରଖାନା ଡିଜିଏମ ଗୌତମ ରଥ ୭ଦିନ ମଧ୍ୟରେ ମାମଲାର ସମାଧାନ କରିବାକୁ ଠିକାସଂସ୍ଥା କର୍ତ୍ତୃପକ୍ଷଙ୍କୁ ନିର୍ଦ୍ଦେଶ ଦେଇଥିଲେ। ନଚେତ୍ ଠିକାସଂସ୍ଥା ପ୍ରାପ୍ୟରୁ କାଟି ଭରଣ କରାଯିବ ବୋଲି ପତ୍ରରେ ଦର୍ଶାଇଥିଲେ। କିନ୍ତୁ ଏହି ସମୟ ମଧ୍ୟ ଅତିକ୍ରାନ୍ତ ହୋଇ ସାରିଥିଲେ ହେଁ କମ୍ପାନୀ କର୍ତ୍ତୃପକ୍ଷ କୌଣସି ପରବର୍ତ୍ତୀ ପଦକ୍ଷେପ ଗ୍ରହଣ ନ କରିବା ପରୋକ୍ଷରେ ଠିକାସଂସ୍ଥାକୁ ଅନୁକମ୍ପା ପ୍ରଦର୍ଶନ କରୁଥିବା କୁହାଯାଉଛି।


କମ୍ପାନୀ ଗେଟ୍ ସମ୍ମୁଖରେ ଧାରଣା ଦେଇଥିବା ପରିବାର।

**ଆତ୍ମାହୁତି ଦେବାକୁ ମୃତକ ପରିବାରବର୍ଗଙ୍କ ଚେତାବନୀ**

### ଜିଲାରେ ଚାଲିଛି ୩୦ରୁ ଉର୍ଦ୍ଧ୍ୱ ବେଆଇନ ମଦ୍ରାସା

ଯାଜପୁର ଟାଉନ,୯।୮(ଡିଏନଏ)

ଯାଜପୁର ଜିଲାରେ ୩୦ରୁ ଉର୍ଦ୍ଧ୍ୱ ବେଆଇନ ମଦ୍ରାସା ଚାଲିଛି। ଜିଲା ପ୍ରଶାସନ ପାଖରେ ଏ ସମ୍ପର୍କରେ କୌଣସି ସୂଚନା ନାହିଁ। ଏହି ମାଦ୍ରାସାଗୁଡିକ ସରକାରୀ ଅନୁଦାନ ପାଉ ନ ଥିବାବେଳେ ବିଭିନ୍ନ ସଂଗଠନ ପକ୍ଷରୁ ଉକ୍ତ ମଦ୍ରାସାଗୁଡ଼ିକ ଚାଲୁଥିବା ଅଭିଯୋଗ ହୋଇଛି। ଯାଜପୁର ଜିଲାର କୋରେଇ, ବିଞ୍ଝାରପୁର, ବରୀ, ବ୍ରହ୍ମବରଦା, ଚଣ୍ଡିଖୋଲ ଆଦି ଅଞ୍ଚଳରେ ବେଧଡ଼କ ଭାବେ ୩୦ରୁ ଉର୍ଦ୍ଧ୍ୱ ବେଆଇନ ମାଦ୍ରାସା ଚାଲୁଥିବା ଜଣାପଡିଛି। ଏହି ମଦ୍ରାସା ଶିକ୍ଷା ବିଭାଗ ପକ୍ଷରୁ କୌଣସି ଏନଓସି କିମ୍ବା ସରକାରୀ ସ୍ୱୀକୃତି ଆଣି ନ ଥିବା ମଧ୍ୟ ଜାଣିବାକୁ ମିଳିଛି। ରାଜ୍ୟ ଓ ରାଜ୍ୟ ବାହାରର ଶହ ଶହ ମୁସଲିମ୍ ପିଲା ଏଠାରେ ରହି ପଢୁଛନ୍ତି। କିଛି ମାଦ୍ରାସ ମଧ୍ୟ ବଡ ବଡ କୋଠା ଘର ନିର୍ମାଣ କରି ଚଳାଉଛନ୍ତି। ଏ ସମ୍ପର୍କରେ ଏସ୍ପିଙ୍କ ସହ ଯୋଗାଯୋଗ କରିବାରୁ ବେଆଇନ ମଦ୍ରାସା ଚାଲୁଥିବା ନଜରକୁ ଆସିଛି। ଏହାର ବିଧିବଦ୍ଧ ତଦନ୍ତ କରାଯାଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଛନ୍ତି।

## ■ ଜିଲା ପ୍ରଶାସନ ପକ୍ଷରୁ କ୍ରାନ୍ତି ଦିବସ

# 'ଆଚରଣ, ଉଚ୍ଚାରଣରେ ସମାନତା ହିଁ ଗାନ୍ଧୀଙ୍କ ପ୍ରତି ଶ୍ରେଷ୍ଠ ଶ୍ରଦ୍ଧାଞ୍ଜଳି'

ଯାଜପୁର ଟାଉନ,୯।୮(ଡିଏନଏ)

ଗୌତମ ବୁଦ୍ଧ ସଂସ୍କୃତି ଭବନ ପରିସରରେ ଜିଲା ପ୍ରଶାସନ ପକ୍ଷରୁ ଶୁକ୍ରବାର ଜିଲାସ୍ତରୀୟ କ୍ରାନ୍ତି ଦିବସ ପାଳିତ ହୋଇଯାଇଛି। ଏଥିରେ ଜିଲାପାଳ ରଞ୍ଜନ କୁମାର ଦାସ ଯୋଗଦେଇ ମହାତ୍ମା ଗାନ୍ଧୀଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିବା ସହିତ ଆଚରଣ ଓ ଉଚ୍ଚାରଣରେ ସମାନତାକୁ ଗାନ୍ଧୀଜୀ ସର୍ବଦା ଗୁରୁତ୍ୱ ଦେଉଥିଲେ, ଯାହା ଆଜି ହଜି ଯାଉଛି । ଏଥିପ୍ରତି ପ୍ରତ୍ୟେକ ସଚେତନ ହେଲେ ତାହା ଗାନ୍ଧୀଙ୍କ ପ୍ରତି ଶ୍ରେଷ୍ଠ ଶ୍ରଦ୍ଧାଞ୍ଜଳି ହେବ ବୋଲି କହିଥିଲେ। ଜିଲା ସଂସ୍କୃତି ଅଧିକାରୀ ସନ୍ତୋଷ କୁମାର ସେଠୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଜିଲା ଗାନ୍ଧୀ କମିଟିର ସଦସ୍ୟ ମିହିର ପ୍ରତାପ ଦାସ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। ଜିଲାସ୍ତରୀୟ ଗାନ୍ଧୀ କମିଟିର ସଦସ୍ୟ ବାଇଧର ମହାପାତ୍ର, ଭାରତୀ ବୋଷ ପ୍ରମୁଖ ଯୋଗଦେଇ ଗାନ୍ଧିଜୀଙ୍କ ସ୍ମୃତିଚାରଣ କରିଥିଲେ। ଅତିଥିମାନେ ପୂର୍ବରୁ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତାର କୃତି ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ। ସେହିପରି ରାଷ୍ଟ୍ରପତି ଭବନରେ ନୃତ୍ୟ ପରିବେଷଣ କରିଥିବା ଯାଜପୁର ବ୍ଲକ ଝାଲପଡା ଗ୍ରାମର ଦିବ୍ୟାଙ୍ଗ ଭାଇ ଭଉଣୀ ସତ୍ୟବ୍ରତ ସାହୁ ଓ ସାଗରିକା ସାହୁଙ୍କୁ ଜିଲାପାଳ ସମ୍ମାନିତ କରିଥିଲେ। କାର୍ଯ୍ୟକ୍ରମ ଶେଷରେ ଅନ୍ୟତମ ସଦସ୍ୟ ଗୁଣନିଧି ଗୁରୁ ଧନ୍ୟବାଦ ଦେଇଥିଲେ। ଏହି ଅବସରରେ ସ୍ମୃତିଚାରଣ ପାଇଁ ଅଭିନବ ଢଙ୍ଗରେ ଏକ ପୁରାତନ ସମ୍ବାଦପତ୍ର ପ୍ରଦର୍ଶନୀର ଆୟୋଜନ କରାଯାଇଥିଲା। ବରୀର ଗାନ୍ଧିବାଦୀ ଯୁବକ ଅଶୋକ କୁମାର ସାହୁଙ୍କ ସଂଯୋଜନାରେ ବିବିଧ ଭାଷାର ଖବରକାଗଜ ଯାହା ଗାନ୍ଧିଜୀଙ୍କ ସମ୍ପର୍କରେ ପ୍ରକାଶିତ ହୋଇଥିଲା, ତାହା ସର୍ବସାଧାରଣଙ୍କ ପାଇଁ ପ୍ରଦର୍ଶିତ ହୋଇଥିଲା। ଜିଲାପାଳ ଦାସ ଏହାକୁ ଉଦ୍ଘାଟନ କରିବା ସହ ବୁଲି ଦେଖିଥିଲେ। ୧୯୧୯ ମସିହାର ସାପ୍ତାହିକ ସମାଜରୁ ଆରମ୍ଭ କରି ବର୍ତ୍ତମାନ ପର୍ଯ୍ୟନ୍ତ ମହାତ୍ମା ଗାନ୍ଧୀଙ୍କ ସମ୍ପର୍କରେ ପ୍ରକାଶିତ ବିଭିନ୍ନ ଖବରକୁ ଜିଲାପାଳ ବୁଲି ଦେଖିବା ସହ ସଂଗ୍ରହର କୁଶଳତାକୁ ପ୍ରଶଂସା କରିଥିଲେ। ଏହି ଅବସରରେ ସଂସ୍କୃତି ଭବନ ପରିସରରେ ବିଭିନ୍ନ ଚାରାରୋପଣ କରାଯିବା ସହ ପ୍ରଶାସନ ପକ୍ଷରୁ ଏକ ସଚେତନତା ଶୋଭାଯାତ୍ରା କରାଯାଇଥିଲା। ଏହି ଶୋଭାଯାତ୍ରାକୁ ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ମନୋଜ କୁମାର ବେହେରା ଉଦ୍ଘାଟନ କରିଥିଲେ। ଶୋଭାଯାତ୍ରା ଜିଲା ସ୍କୁଲରୁ ବାହାରି ଗୌତମ ବୁଦ୍ଧ ସଂସ୍କୃତି ଭବନଠାରେ ପହଞ୍ଚିଥିଲା। ଶୋଭାଯାତ୍ରାରେ ମହାତ୍ମା ଗାନ୍ଧୀଙ୍କ ବିଭିନ୍ନ ବାଣୀକୁ ପ୍ଲା କାର୍ଡ ମାଧ୍ୟମରେ ପ୍ରଦାର୍ଶନ କରାଯାଇଥିଲା। ଏଥିରେ ଜିଲା ସଂସ୍କୃତି ଅଧିକାରୀ ସନ୍ତୋଷ କୁମାର ସେଠୀ, ଜିଲା କ୍ରୀଡା ଅଧିକାରୀ ଫକୀର ମୋହନ ଗୁଡ୍ଡୁ, ଗାନ୍ଧୀ କମିଟି ସଦସ୍ୟ ମିହିର ପ୍ରତାପ ଦାସ, ଗୁଣନିଧି ଗୁରୁ, ଭାରତୀ ବୋଷ, ସଂସ୍କୃତି ପରିଷଦ ସଦସ୍ୟ ପ୍ରିୟ ରଞ୍ଜନ କର ପ୍ରମୁଖଙ୍କ ସମେତ ବିଭିନ୍ନ ବିଦ୍ୟାଳୟର ଛାତ୍ରୀଛାତ୍ର ପ୍ରମୁଖ ଯୋଗ ଦେଇଥିଲେ।


କ୍ରାନ୍ତି ଦିବସ ପାଳନ ଅବସରରେ ମଞ୍ଚରେ ଉପସ୍ଥିତ ଜିଲାପାଳଙ୍କ ସହ ଅନ୍ୟମାନେ।

**ମହାତ୍ମା ଗାନ୍ଧୀଙ୍କ ସମ୍ପର୍କିତ ପୁରୁଣା ସମ୍ବାଦପତ୍ର ପ୍ରଦର୍ଶନୀ**

### ଜିଲା କଂଗ୍ରେସ କମିଟି ପକ୍ଷରୁ କ୍ରାନ୍ତି ଦିବସ

ଯାଜପୁର ଟାଉନ,୯।୮(ଡିଏନଏ)

ଯାଜପୁର ଜିଲା କଂଗ୍ରେସ କମିଟି ପକ୍ଷରୁ କ୍ରାନ୍ତି ଦିବସ ପାଳିତ ହୋଇଯାଇଛି। ଏହି ଦିବସରେ ଜିଲା କଂଗ୍ରେସ କାର୍ଯ୍ୟକାରୀ ସଭାପତି ବିଷ୍ଣୁ ରାଉତଙ୍କ ସଭାପତିତ୍ୱରେ ଗାନ୍ଧୀଛକଠାରେ ମହାତ୍ମାଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ଓ ଗରିଆପୁର, ବାରୁଣୀ ପଡ଼ିଆସ୍ଥିତ ଭାରତ ରତ୍ନ ପୂର୍ବତନ ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ପରେ ଜିଲା କଂଗ୍ରେସ କାର୍ଯ୍ୟାଳୟରେ ପୂର୍ବତନ ଏମ୍ପି ଅଞ୍ଚଳ ଦାସ ପତାକା ଉତ୍ତୋଳନ କରିଥିଲେ ଓ କ୍ରାନ୍ତି ଦିବସ ଉପରେ ଦାସ ଓ ଯୁବନେତା ସନ୍ତୋଷ ନନ୍ଦ ସମ୍ୟକ ସୂଚନା ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଯାଜପୁର ନଗର ସଭାପତି ନାରାୟଣ ସାମନ୍ତ, ଦୁର୍ଯ୍ୟୋଧନ ବେହେରା, ଭାସ୍କର ମହାନ୍ତି, ହୃଷିକେଶ ପତି, ବିଭୂତି ମହାପାତ୍ର, ପୂର୍ଣ୍ଣଚନ୍ଦ୍ର ଯେନା, ଅକ୍ଷୟ ଶତପଥି, ଆଲୋକ ବେହେରା, ପ୍ରତିମା କର, ଗୟାଧର ପଣ୍ଡା, ସିକନ୍ଦର ଖାଁ ପ୍ରମୁଖ ଯୋଗଦେଇ ଭାରତବର୍ଷକୁ ଏକାରେ ବାନ୍ଧି ରଖିବା ସହିତ କଂଗ୍ରେସ ଦଳକୁ ଲୋକ ସେବାରେ ଉତ୍ସର୍ଗୀକୃତ କରିବାକୁ ସଭ୍ୟମାନେ ସଂକଳ୍ପ ନେଇଥିଲେ।

### କଶ୍ମୀରରେ ୩୭୦ ଧାରା ଉଚ୍ଛେଦକୁ ବିରୋଧ

# ଏସ୍ୟୁସିଆଇ(ସି)ର ପ୍ରତିବାଦ ସଭା

ଯାଜପୁର ଟାଉନ,୯।୮(ଡିଏନଏ)

ଏସ୍ୟୁସିଆଇ(ସି) ଯାଜପୁର ଜିଲା କମିଟି ପକ୍ଷରୁ ଏକ ପ୍ରତିବାଦ ସଭା ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଅଗଣତାନ୍ତ୍ରିକଭାବେ କଶ୍ମୀରରେ ୩୭୦ ଧାରା ଉଚ୍ଛେଦ ଓ ଜନସ୍ୱାର୍ଥ ବିରୋଧୀ କଳା ଆଇନ ଓ ନୀତି ଚାଲିଥିବା ଦର୍ଶାଇ ଏହା ବିରୋଧରେ ଅଗଷ୍ଟ ୯ରୁ ୧୫ ସାରା ଭାରତ ପ୍ରତିବାଦ ସପ୍ତାହ ପାଳନ କରୁଛି। ଏହି ପରିପ୍ରେକ୍ଷୀରେ ଏକ ଶୋଭାଯାତ୍ରା ବଜାର ପରିକ୍ରମା କରି ଜିଲାପାଳ କାର୍ଯ୍ୟାଳୟଠାରେ ପ୍ରତିବାଦ ସଭା କରିଥିଲା। ଦୁର୍ନୀତି, ଦରବୃଦ୍ଧି, ନାରୀ ନିର୍ଯାତନାରେ ଭାଜପାର ଖୋଦ ମନ୍ତ୍ରୀ, ବିଧାୟକ ଜଡ଼ିତ ବୋଲି ମତ ପ୍ରକାଶ ପାଇଥିଲା। କଶ୍ମୀରରୁ ତୁରନ୍ତ ପୋଲିସ ଫୋର୍ସ ପ୍ରତ୍ୟାହାର କରି ଗଣତାନ୍ତ୍ରିକ ଓ ଶାନ୍ତି ପରିବେଶ ଆଣିବା ଦାବିରେ ଏସ୍ୟୁସିଆଇ ରାଷ୍ଟ୍ରପତିଙ୍କ ନିକଟକୁ ଜିଲାପାଳଙ୍କ ଜରିଆରେ ଏକ ଦାବିପତ୍ର ପ୍ରଦାନ କରିଛି। ଏହି ସଭା ଓ ଶୋଭାଯାତ୍ରାରେ ସମ୍ପାଦକ ସୁରେନ୍ଦ୍ର ମଲ୍ଲିକ ଓ ଜିଲା କମିଟି ସଭ୍ୟ ବୀରକିଶୋର ନାୟକ, ଅଚ୍ୟୁତ ପ୍ରଧାନ, ନୃସିଂହ ମହାନ୍ତ, ସୁବାସ ମଲ୍ଲିକ, ଚୈତନ୍ୟ ମହାରଣା, ଚୈତନ୍ୟ ସାହୁ, ତରଙ୍ଗିଣୀ ଦାସ, ସୁଲୋଚନା ପ୍ରଧାନ, ପ୍ରଭାତୀ ମଲ୍ଲିକ ପ୍ରମୁଖ ସାମିଲ ହୋଇଥିଲେ।



ଏସ୍ୟୁସିଆଇ(ସି) ପକ୍ଷରୁ ପ୍ରତିବାଦ ସଭା କରାଯାଉଛି।

## ■ ଆରଟିଓ, ଜିଲା ପ୍ରଶାସନର ମିଳିତ ଚଢ଼ାଉ

# ୬୫,୬୫୦ଟଙ୍କା ଜରିମାନା ଆଦାୟ

ଯାଜପୁର ଟାଉନ,୯।୮(ଡିଏନଏ)

ଯାଜପୁର କିଆନାଳି ଛକ ପାଖରେ ଉପଜିଲାପାଳ ନାରାୟଣ ଚନ୍ଦ୍ର ଧଳଙ୍କ ନେତୃତ୍ୱରେ ପରିବହନ ଯାଞ୍ଚ କାର୍ଯ୍ୟ କରାଯାଇଥିଲା। ଏହି ଯାଞ୍ଚରେ ଆରଟିଓ ଏସ୍.ସି ପଣ୍ଡା ଓ ଭାରପ୍ରାପ୍ତ ଥାନାଧିକାରୀ ମାନସ ଚକ୍ର ପ୍ରମୁଖ ଯୋଗ ଦେଇଥିଲେ। ଯାଜପୁରରୁ କଟକ ଓ ଭୁବନେଶ୍ୱର ଯାଉଥିବା ବହୁ ଗାଡ଼ି ନିଜ ପରମିଟ୍ରେ ଉଲ୍ଲେଖ ଥିବା ରୁଟ୍ ପରିବର୍ତ୍ତେ ଅନ୍ୟ ରୁଟ୍ରେ ଚଳାଚଳ କରୁଥିବା ଓ ଅଧିକ ଭଡ଼ା ନେଉଥିବା ଅଭିଯୋଗ ଜିଲା ପ୍ରଶାସନ ପାଇବା ପରେ ଏହି ଯାଞ୍ଚ କରି ୬୫ହଜାର ୬୫୦ଟଙ୍କା ଜରିମାନା ଆଦାୟ କରିଥିଲା। ଯାତ୍ରୀମାନେ ପାଣିକୋଇଲି ରୁଟ୍ ଦେଇ ଯାତାୟାତର ବସ୍ ଭଡ଼ା ଦେଉଥିବାବେଳେ ବସ୍ଗୁଡ଼ିକ ବରୁହାଁ ଦେଇ ଯାଉଥିବା ଜାଣିବାକୁ ପାଇଥିଲେ। ତେବେ ପରମିଟ୍ ଯାଞ୍ଚ ସମୟରେ ବହୁ ଗାଡ଼ିର କାଗଜପତ୍ରରେ ଅନିୟମିତତା ଥିବା ପରିଲକ୍ଷିତ ହୋଇଥିଲା। ବିନା ପରମିଟ୍ରେ ବସ୍ ଚଳାଚଳ ଓ ଅଧିକ ଭଡ଼ା ନେବା ଘଟଣା ମିରଚାନ୍ଦପୁର ଖଣ୍ଡରା ଗ୍ରାମର ବିଜୟ କୁମାର ରାଉଳ ଜିଲା ପ୍ରଶାସନକୁ ଅଭିଯୋଗ କରିଥିଲେ। ଏହି ଯାଞ୍ଚ ସମୟରେ ଅତିରିକ୍ତ ତହସିଲଦାର କ୍ଷୀରୋଦ କୁମାର ଦାସ, ସୁଦୀପ୍ତ କୁମାର ସାହୁ ପ୍ରମୁଖ ସହଯୋଗ କରିଥିଲେ।


ଜିଲାପ୍ରଶାସନ ପକ୍ଷରୁ ଚଢ଼ାଉ କରାଯାଉଛି।

## ■ ସମସ୍ୟା ସମାଧାନ କରିବାକୁ ହାଇକୋର୍ଟଙ୍କ ନିର୍ଦ୍ଦେଶ

# ଜିଲାପାଳଙ୍କୁ ଭେଟିଲା କୁହିକା ଟ୍ରକ ମାଲିକ ସଂଘ

ଯାଜପୁର ଅଫିସ,୯।୮

ସୁକିନ୍ଦା ଖଣି ଅଞ୍ଚଳରେ ଦୀର୍ଘଦିନରୁ ଲାଗି ରହିଥିବା ଫାଷ୍ଟକମ୍ ଫାଷ୍ଟ ଲୋଡ ବିବାଦ ସଂକ୍ରାନ୍ତରେ ହାଇକୋର୍ଟଙ୍କ ନିର୍ଦ୍ଦେଶ କାର୍ଯ୍ୟକାରୀ କରିବାକୁ କୁହିକା ଟ୍ରକ ମାଲିକ ସଂଘ ଶୁକ୍ରବାର ଜିଲାପାଳଙ୍କ ଦ୍ୱାରସ୍ଥ ହୋଇଛି। ଏହି ମର୍ମରେ ଏକ ସ୍ମାରକପତ୍ର ଦେଇ ସଂଘ କର୍ମକର୍ତ୍ତାମାନେ ହାଇକୋର୍ଟ ଡବ୍ଲ୍ୟୁପିସି ୧୨୯୯୫/୨୦୧୯ ନମ୍ବର ନିର୍ଦ୍ଦେଶନାମା ତୁରନ୍ତ କାର୍ଯ୍ୟକାରୀ କରିବା ପାଇଁ ଜିଲାପାଳଙ୍କୁ ଅନୁରୋଧ କରିଛନ୍ତି। ଜୁଲାଇ ୧୯ରୁ କୁହିକାସ୍ଥିତ ସୁକିନ୍ଦା କ୍ରୋମାଇଟ ଖଣି ଟ୍ରକ ମାଲିକ ସଂଘ ପରିବହନ କ୍ଷେତ୍ରରେ ପକ୍ଷପାତିତା ଓ ବିଭିନ୍ନ ଅନିୟମିତତା ବିରୋଧରେ ପରିବହନ ବନ୍ଦ ଆନ୍ଦୋଳନ ଜାରି ରଖିଥିଲା। ତେବେ କୋର୍ଟଙ୍କ ନିର୍ଦ୍ଦେଶକୁ ସମ୍ମାନ ଦେଇ ଗୁରୁବାର ରାତିରୁ ସଂଘ ପକ୍ଷରୁ ଏହି ଆନ୍ଦୋଳନକୁ ସ୍ଥଗିତ ରଖାଯାଇଥିଲା। ୨୦୧୫ରେ ହାଇକୋର୍ଟ ଡବ୍ଲ୍ୟୁପିସି ୧୬୪୬୨ରେ ଫାଷ୍ଟ କମ୍ ଫାଷ୍ଟ ଲୋଡ ନିୟମକୁ ଆବଶ୍ୟକ ସ୍ଥଳେ ପୋଲିସ ସହଯୋଗରେ କାର୍ଯ୍ୟକାରୀ କରିବାକୁ ଜିଲା ପ୍ରଶାସନକୁ ନିର୍ଦ୍ଦେଶ ଦେଇଥିଲେ। ଏହା ପୂର୍ବରୁ ୨୦୦୯ରେ ହାଇକୋର୍ଟ ଏହି ନିୟମକୁ ପରିବହନ ଠିକାଦାର, ଖଣିମାଲିକ ଓ ଟ୍ରକ ମାଲିକ ସଂଘ ସହିତ ମିଳିତ ବୁଝାମଣାରେ ଜାରି ରଖିବାକୁ ନିର୍ଦ୍ଦେଶ ଦେଇଥିଲେ। ତଥାପି ଏହି ନିୟମ ପାଳନ ହୋଇପାରି ନ ଥିଲା । ଏଥିଯୋଗୁ ମାଲିକଙ୍କ ମଧ୍ୟରେ ପ୍ରତିବାଦର ସ୍ୱର ବ୍ୟାପକ ହୋଇଥିଲା। ୨୦୧୭ରେ ପୁନର୍ବାର ସୁକିନ୍ଦା କ୍ରୋମାଇଟ ଖଣି ଟ୍ରକ ମାଲିକ ସଂଘ ହାଇକୋର୍ଟର ଦ୍ୱାରସ୍ଥ ହୋଇଥିଲା। ୨୦୧୫ ନିର୍ଦ୍ଦେଶନାମା ଅନୁଯାୟୀ ୨୦୧୬ରେ ଛଅ ଚକିଆ ଟ୍ରକ କ୍ଷେତ୍ରରେ କଡାକଡି ନିୟମ ପାଳନ କରାଯାଇ ଆସୁଛି କିନ୍ତୁ ୧୨ ଓ ୧୪ ଚକିଆ ଟ୍ରକ କ୍ଷେତ୍ରରେ ନିୟମ ଉଲ୍ଲଂଘନ କରାଯିବା ସହ ଲୋଡିଂରେ ପକ୍ଷପାତିତା କରାଯିବା ସମ୍ବନ୍ଧରେ ବାରମ୍ବାର ଉକ୍ତ ସଂଘ ତରଫରୁ ଜିଲା ପ୍ରଶାସନକୁ ଅବଗତ କରାଯାଇ ନ୍ୟାୟ ଭିକ୍ଷା କରାଯାଉଥିଲା । କିନ୍ତୁ ଜିଲା ପ୍ରଶାସନ ତ୍ୱରିତ ପଦକ୍ଷେପ ନେବାରେ ବିଳମ୍ବ କରିବାରୁ ସଂଘ ପୁନର୍ବାର ହାଇକୋର୍ଟଙ୍କ ଦ୍ୱାରସ୍ଥ ହେବା ସହ ଆନ୍ଦୋଳନ ଜାରି ରଖିଛି । ଖଣି ଅଞ୍ଚଳରେ ଶୃଙ୍ଖଳିତ ପରିବହନ ସହ ଫାଷ୍ଟ କମ୍ ଫାଷ୍ଟ ଲୋଡ ନିର୍ଦ୍ଦେଶ କଡାକଡି ଭାବେ ପାଳନ କରିବାକୁ ହାଇକୋର୍ଟ ଜିଲାପାଳଙ୍କୁ ନିର୍ଦ୍ଦେଶ ଦେବା ସହିତ ସପ୍ତାହକ ମଧ୍ୟରେ ଏନେଇ କଣ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି ତାହାର ରିପୋର୍ଟ ଦେବାକୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ହାଇକୋର୍ଟଙ୍କ ନିର୍ଦ୍ଦେଶ ପରେ ଉକ୍ତ ନିୟମ କଡାକଡି ଅନୁପାଳନ ସହ ଶୃଙ୍ଖଳିତଭାବେ କ୍ରୋମ ପରିବହନ ହୋଇପାରିବ ବୋଲି ସଂଘ ସମ୍ପାଦକ ଅରୁଣ କୁମାର ପରିଡା ପ୍ରକାଶ କରିଛନ୍ତି। ଏହି ଅବସରରେ ସଂଘ ସଭାପତି ବିଶ୍ୱଜିତ ରାଜ, ନରେନ୍ଦ୍ର ପରିଡା, ରଞ୍ଜନ କୁମାର ନାୟକ, ନାରାୟଣ ବେହେରା, ରସାନନ୍ଦ ନାୟକ, ସଞ୍ଜୟ ଶତପଥୀ, ନରେନ୍ଦ୍ର ପରିଡା, ଘନଶ୍ୟାମ ସାହୁ, କୈଳାସ ଚନ୍ଦ୍ର ମାଝି, ସୁଦର୍ଶନ ପାତ୍ର, ଯତୀନ୍ଦ୍ର ପାତ୍ର, ଶଙ୍କର୍ଷଣ ସାହୁ, କଳିଙ୍ଗକେଶରୀ ରାଉତ, ଯୁଧିଷ୍ଠିର ନାୟକ, ସଂଜୟ ଶତପଥୀ ପ୍ରମୁଖ ଉପସ୍ଥିତ ଥିଲେ। ଜିଲାପାଳ ରଞ୍ଜନ କୁମାର ଦାସ କହିଛନ୍ତି, ଫାଷ୍ଟ କମ୍ ଫାଷ୍ଟ ଲୋଡ ବିବାଦର ପୂର୍ଣ୍ଣଚ୍ଛେଦ ପାଇଁ ପ୍ରଶାସନ ପକ୍ଷରୁ କମିଟି ଗଠନ କରାଯାଇ ନିୟମ ଶୃଙ୍ଖଳିତ ଭାବେ ପାଳନ ହେଉଥିବା ଜାଣିବାକୁ ମିଳିଥିଲା। ତେବେ ଯେଉଁ ସଂଘ କି ବ୍ୟକ୍ତିବିଶେଷ ନିୟମ ପାଳନ ହେଉ ନ ଥିବା ଅଭିଯୋଗ କରୁଛନ୍ତି ସେମାନେ ନିୟମ ଉଲ୍ଲଂଘନକାରୀ ବିରୋଧରେ ଥାନାରେ ଅଭିଯୋଗ କଲେ ତଦନ୍ତ କରାଯାଇ ନିଶ୍ଚିତ କାର୍ଯ୍ୟାନୁଷ୍ଠାନ ନିଆଯିବ।


ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରିବାକୁ ଆସିଥିବା କୁହିକା ଟ୍ରକ ମାଲିକ ସଂଘ କର୍ମକର୍ତ୍ତା।

**ଖଣି ଅଞ୍ଚଳରେ କମ୍ ଫାଷ୍ଟ ଲୋଡ ବିବାଦ**

## ସଂକ୍ଷେପରେ

### ସାପ କାମୁଡ଼ାରେ ଜଣେ ମୃତ

ବୋଲଗଡ଼,୯।୮(ଡି.ଏନ.ଏ.)- ବୋଲଗଡ଼ ବ୍ଲକ ଗୋଡ଼ଭଙ୍ଗା ଗ୍ରାମରେ ଦାଶରଥି ପ୍ରଧାନ (୫୫) ନାମକ ଜଣେ ବ୍ୟକ୍ତି ଶୋଇଥିବାବେଳେ ଗୁରୁବାର ରାତିରେ ଏକ ବିଷାକ୍ତ ସାପ କାମୁଡ଼ି ଦେଇଥିଲା। ଗ୍ରାମବାସୀ ଓ ପରିବାର ସହାୟତାରେ ତାଙ୍କୁ ଚିକିତ୍ସା ପାଇଁ ନୟାଗଡ଼ ଜିଲା ମୁଖ୍ୟ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ସେ ଅଧିକ ଗୁରୁତର ହେବାରୁ ଭୁବନେଶ୍ୱର ଡାକ୍ତରଖାନାରେ ଚିକିତ୍ସା କରାଯାଇଥିଲେ ମଧ୍ୟ ଶୁକ୍ରବାର ଦାଶରଥିଙ୍କ ମୃତ୍ୟୁ ଘଟିଛି।

### ବାଡ଼ି ନୃସିଂହଙ୍କ ଚାରି ଆଶ୍ରମ ବିଜେ

ପୁରୀ ଅଫିସ, ୯।୮: ପବିତ୍ର ଶ୍ରାବଣ ଶୁକ୍ଳ ନବମୀ ତିଥିରେ ଶୁକ୍ରବାର ବାଡ଼ି ନୃସିଂହ ଶ୍ରୀକ୍ଷେତ୍ରର ଚାରି ଆଶ୍ରମ ବିଜେ କରିଛନ୍ତି। ଶ୍ରୀମନ୍ଦିରରେ ମଧ୍ୟାହ୍ନ ଧୂପ ବଢିବା ପରେ ନୃସିଂହ ଠାକୁର ମହାପ୍ରଭୁଙ୍କ ଆଜ୍ଞାମାଳ ପାଇ ଝୁଲଣ ମଣ୍ଡପ ତଳେ ରହିଥିବା ବିମାନରେ ବିଜେ କରିଥିଲେ। ଏହାପରେ ନୃସିଂହ ଠାକୁର ଚାରି ଆଶ୍ରମ ଭ୍ରମଣରେ ବାହାରିଥିଲେ। ମାର୍କଣ୍ଡ ଆଶ୍ରମ, ଦୋଳମଣ୍ଡପ ସାହିସ୍ଥିତ ଅଙ୍ଗିରା, ବାଲିସାହିସ୍ଥିତ ପଞ୍ଚୁ ଓ ହରଚଣ୍ଡୀ ସାହିସ୍ଥିତି ଭୃଗୁ ଆଶ୍ରମକୁ ଯାଇଥିଲେ। ପ୍ରତ୍ୟେକ ଆଶ୍ରମରେ ଶୀତଳ ଭୋଗ ହୋଇଥିଲା। ଚାରି ଆଶ୍ରମ ପରିକ୍ରମା ପରେ ବିଭିନ୍ନ ସ୍ଥାନରେ ପନ୍ତି ଭୋଗ ଖାଇ ନୃସିଂହ ଠାକୁର ଶ୍ରୀମନ୍ଦିରକୁ ଫେରିଥିଲେ। ଏ ସମ୍ପର୍କରେ ଶ୍ରୀମନ୍ଦିର ଲୋକ ସମ୍ପର୍କ ଅଧିକାରୀ ଲକ୍ଷ୍ମୀଧର ପୂଜାପଣ୍ଡା କୁହନ୍ତି, ପୂର୍ବରୁ ରଥଯାତ୍ରା ପରେ ପରେ ପୁରୀ ସହରରେ ଝାଡ଼ାବାନ୍ତି ବ୍ୟାପୁଥିବାରୁ ଏହାକୁ ବାଡ଼ି ରୋଗ କୁହାଯାଉଥିଲା। ଏହି ରୋଗ ବ୍ୟାପିବାରୁ ନୃସିଂହ ଠାକୁର ପୁରୀ ସହର ପରିକ୍ରମା କରିଥିଲେ। ସେବେଠାରୁ ଏହି ପରମ୍ପରା ରହିଆସିଛି।

# ଆମ ଗାଁ ଆମ ବିକାଶ ଯୋଜନାରେ ପଡ଼ି ରହିଛି କାର୍ଯ୍ୟ

ନୂଆଗାଁ, ୯।୮(ଡି.ଏନ.ଏ.)

**୩୧୪ରୁ ଆରମ୍ଭ ହୋଇନି ୨୦୦ରୁ ଊର୍ଦ୍ଧ୍ୱ ପ୍ରକଳ୍ପ**



ନୂଆଗାଁ ବ୍ଲକ କାର୍ଯ୍ୟାଳୟ ।

ରାଜ୍ୟର ପ୍ରଗତିକୁ ତ୍ୱରାନ୍ୱିତ କରିବା ନିମନ୍ତେ ବିଭିନ୍ନ ଯୋଜନା ମଧ୍ୟରୁ 'ଆମ ଗାଁ ଆମ ବିକାଶ' ମାଧ୍ୟମରେ ଗ୍ରାମାଞ୍ଚଳର ବିକାଶ ନିମନ୍ତେ ବିଭିନ୍ନ କାର୍ଯ୍ୟକ୍ରମ ଜାରିରହିଛି। ଏହା ମାଧ୍ୟମରେ ରାଜ୍ୟର ପ୍ରତି ବ୍ଲକକୁ କୋଟି କୋଟି ଟଙ୍କା ଅନୁଦାନ ଆସୁଛି । କିନ୍ତୁ ବିଭାଗୀୟ ଅଧିକାରୀଙ୍କ ଖାମଖିଆଲ ମନୋଭାବ ଯୋଗୁ ଏହାର ସଫଳ ରୂପାୟନ ହୋଇପାରୁ ନ ଥିବା କୁହାଯାଇଛି। ନୟାଗଡ଼ ଜିଲା ନୂଆଗାଁ ବ୍ଲକରେ ୩୧୪ ପ୍ରକଳ୍ପ ମଧ୍ୟରୁ ମାତ୍ର ଅଳ୍ପ କିଛି କାର୍ଯ୍ୟ ଶେଷ ହୋଇଥିବା ବେଳେ ୨୦୦ରୁ ଊର୍ଦ୍ଧ୍ୱ ପ୍ରକଳ୍ପ କାର୍ଯ୍ୟ ଏଯାବତ୍ ଆରମ୍ଭ ନ ହୋଇ ପଡ଼ି ରହିଥିବା ଅଭିଯୋଗ ହେଉଛି । ଆଦିବାସୀ ଅଧ୍ୟୁଷିତ ନୂଆଗାଁ ବ୍ଲକରେ ରାସ୍ତାଘାଟ, ପାନୀୟ ଜଳ ଓ ସ୍ୱାସ୍ଥ୍ୟସେବା ଆଦି ବିଭିନ୍ନ ସମସ୍ୟା ଲାଗି ରହିଥିବାରୁ ସାଧାରଣରେ ଅସନ୍ତୋଷ ଦେଖାଦେଇଛି। ବ୍ଲକର ୨୨ ପଞ୍ଚାୟତର ବିଭିନ୍ନ ସମସ୍ୟା ଦୂର କରିବା ପାଇଁ ଆମ ଗାଁ ଆମ ବିକାଶ ଯୋଜନାରେ ମୁଖ୍ୟମନ୍ତ୍ରୀ ଅନୁଦାନ ପ୍ରଦାନ କରିଥିଲେ । କୋରଡା ପଞ୍ଚାୟତର ୯ ଗୋଟି ପ୍ରକଳ୍ପ ପାଇଁ ୩୪ ଲକ୍ଷ ଅନୁଦାନ ମଞ୍ଜୁର ହୋଇଥିବାବେଳେ ଅନ୍ୟ ୨୧ ପଞ୍ଚାୟତର ୩୦୫ ପ୍ରକଳ୍ପ ପାଇଁ ୫କୋଟି ୨୫ ଲକ୍ଷ ଟଙ୍କା ଅନୁଦାନ ପ୍ରଦାନ କରାଯାଇଛି। ନୂଆଗାଁ ପଞ୍ଚାୟତକୁ ୨୮.୫ ଲକ୍ଷ, ମାଳିସାହିକୁ ୨୮ ଲକ୍ଷ, ଢେଙ୍କେଣାକୁ ୨୪ ଲକ୍ଷ , ଗାତେରିକୁ ୨୪ ଲକ୍ଷ, ସିଙ୍ଗାରପଲ୍ଲୀକୁ ୨୫ ଲକ୍ଷ , ବେରୁହାଁବାରିକୁ ୨୫ ଲକ୍ଷ , ବାହାଡାଖୋଲାକୁ ୨୫ ଲକ୍ଷ, କାପ୍ତାପଲ୍ଲୀକୁ ୨୫ ଲକ୍ଷ, ହରିପୁରକୁ ୨୫ ଲକ୍ଷ, ଦୁର୍ଦ୍ଦୁରାକୁ ୨୫ ଲକ୍ଷ, ଚାହାଳିକୁ ୨୫ ଲକ୍ଷ, ମହିପୁରକୁ ୨୫ ଲକ୍ଷ, ଜାକେଡାକୁ ୨୪ ଲକ୍ଷ, ଗୁମିକୁ ୨୪.୫ ଲକ୍ଷ, ସୋରଡାକୁ ୨୫ ଲକ୍ଷ, ବଡଗୋଠକୁ ୨୫ ଲକ୍ଷ, ପାରାଡ଼ିପିକୁ ୨୫ ଲକ୍ଷ, ସିକ୍ରିଡାକୁ ୨୩ ଲକ୍ଷ, ଉଦୟପୁରକୁ ୨୫ ଲକ୍ଷ, ଖଣ୍ଡୁଗାଁକୁ ୨୨.୫ ଲକ୍ଷ ଓ ମାଇଛେଳି ପଞ୍ଚାୟତକୁ ୨୬.୫ ଲକ୍ଷ ଅନୁଦାନ ଦିଆଯାଇଛି । ତେବେ ଅନୁଦାନ ମିଳିବାର ୮ ମାସ ବିତି ଯାଇଥିଲେ ମଧ୍ୟ ଏ ପର୍ଯ୍ୟନ୍ତ ୨୫ଟି ପ୍ରକଳ୍ପ ସମାପ୍ତ ହୋଇଛି। ୮୦ ପ୍ରକଳ୍ପର କାର୍ଯ୍ୟ ଚାଲୁ ରହିଥିବା ନୂଆଗାଁ ବ୍ଲକ ସହକାରୀ ଯନ୍ତ୍ରୀ ନକୁଳ ରାଉତ ସୂଚନା ଦେଇଛନ୍ତି । ବର୍ତ୍ତମାନ ସୁଦ୍ଧା ୨୦୦ରୁ ଊର୍ଦ୍ଧ୍ୱ ପ୍ରକଳ୍ପର କାର୍ଯ୍ୟ ଆରମ୍ଭ କରାଯାଇ ନାହିଁ । ଅନୁଦାନ ରାଶି ପଡିରହିଥିବା ବେଳେ କାର୍ଯ୍ୟ ହେଉ ନ ଥିବାରୁ ସାଧାରଣଲୋକେ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ତେବେ ନିର୍ବାଚନ ସହିତ ଅନ୍ୟାନ୍ୟ ସମସ୍ୟା ଯୋଗୁ କାର୍ଯ୍ୟରେ ଅଗ୍ରଗତି ହୋଇ ପାରୁ ନ ଥିବା ମତ ପ୍ରକାଶ କରିଛନ୍ତି ଯନ୍ତ୍ରୀ ରାଉତ । ପ୍ରକଳ୍ପଗୁଡିକର ନିର୍ମାଣ କାର୍ଯ୍ୟ ଯଥା ସମ୍ଭବ ସାରିବା ପାଇଁ ପ୍ରଚେଷ୍ଟା ଜାରି ରହିଛି ବୋଲି ନୂଆଗାଁ ବିଡିଓ ଶିରିୟାଲ ଶୁଭ୍ର ପଟେଲ ପ୍ରକାଶ କରିଛନ୍ତି।

## ଚାରାରୋପଣ କାର୍ଯ୍ୟକ୍ରମ

ବୋଲଗଡ଼,୯।୮(ଡି.ଏନ.ଏ.)

ବୋଲଗଡ଼ ବ୍ଲକ ମାଳିସାହିସ୍ଥିତ ତିନି ଦୋଳ ଯାତ୍ରା ପଡିଆରେ ଶୁକ୍ରବାର ଚାରାରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମ ଛଅବିଶ୍ୱା ଉନ୍ନୟନ କମିଟି ପକ୍ଷରୁ ଆୟୋଜିତ ହୋଇଥିଲା। ଉନ୍ନୟନ କମିଟି ପକ୍ଷରୁ ଆରତ ପ୍ରଧାନଙ୍କ ଆବାହକତ୍ୱରେ ବୋଲଗଡ଼ ବନପାଳ ପ୍ରଦୀପ୍ତ କୁମାର ପଟ୍ଟନାୟକ, ଦଳେଇ ସାହି ସରପଞ୍ଚ କାଦର ଅଲୀ ଖାଁ, ଫାସିଓଦା ସରପଞ୍ଚ ବ୍ରଜକିଶୋର ପାତ୍ର ପ୍ରମୁଖ କାର୍ଯ୍ୟକ୍ରମରେ ଯୋଗଦେଇଥିଲେ । ସେହିପରି କମିଟି ସଦସ୍ୟ ଦେବରାଜ ମହାପାତ୍ର, ନବକିଶୋର ପଟ୍ଟନାୟକ, ବାସୁଦେବ ସାମନ୍ତରାୟ, ରତ୍ନାକର ପରିଡା, ଯୁଗଳ ପ୍ରଧାନ,ବନମାଳୀ ମାଝି, ସୁରେନ୍ଦ୍ର ରାଉତ ପ୍ରମୁଖ ବେଲ, ଅଁଳା, ମହୁଲ, ବାହାଡା, ମୁଚୁକୁନ୍ଦି, ଆମ୍ବ ଏବଂ ନଡ଼ିଆ ବୃକ୍ଷର ଚାରା ରୋପଣ କରିଥିଲେ।

■ ନର୍ସିଂହୋମ କର୍ତ୍ତୃପକ୍ଷଙ୍କ ରାଜୁତି

## ଚିକିତ୍ସା ଅବହେଳାରୁ ଶିଶୁପୁତ୍ରର ମୃତ୍ୟୁ ଅଭିଯୋଗ

ନୟାଗଡ଼ ଅଫିସ,୯।୮

ନୟାଗଡ଼ ଜିଲା ସଦର ମହକୁମାରେ ଥିବା ବିଭିନ୍ନ ନର୍ସିଂହୋମ୍‌ରେ ମାଲିକମାନଙ୍କ ରାଜୁତି ଦେଖିବାକୁ ମିଳୁଛି। ଦୁଇଦିନରେ ଦୁଇଟି ନର୍ସିଂହୋମରେ ଏଭଳି କିଛି ଘଟଣା ଏହାକୁ ସ୍ପଷ୍ଟ କରୁଛି। ଗୁରୁବାର ରାଜାବଗିଚା ନିକଟରେ ଥିବା ଏକ ନର୍ସିଂହୋମ୍‌ରେ ଏକ ଦମ୍ପତିଙ୍କୁ ଅଟକ ରଖାଯାଇଥିବା ବେଳେ ଶୁକ୍ରବାର ସିନ୍ଦୂରିଆ ନିକଟରେ ଥିବା ଏକ ନର୍ସିଂହୋମ୍‌ରେ ଚିକିତ୍ସା ଅବହେଳାରୁ ଜଣେ ନବଜାତ ଶିଶୁର ମୃତ୍ୟୁ ଘଟିଥିବା ଅଭିଯୋଗ ହୋଇଛି। ହେଲେ ଏ ନେଇ ଥାନାରେ କୌଣସି ଲିଖିତ ଅଭିଯୋଗ ହୋଇନାହିଁ। ମିଳିଥିବା ସୂଚନା ଅନୁସାରେ, ରାଜାବଗିଚା ନିକଟରେ ଥିବା ନର୍ସିଂହୋମ୍‌ରେ ଜଣେ ଗର୍ଭବତୀ ମହିଳା ଭର୍ତ୍ତି ହୋଇଥିଲେ। ଚିକିତ୍ସା ପରେ ଟଙ୍କା ନ ଦେବାରୁ ଗୁରୁବାର ମହିଳାଙ୍କ ସହ ତାଙ୍କ ସ୍ୱାମୀଙ୍କୁ ଅଟକ ରଖାଯାଇଥିଲା। ସେହିପରି ଶରଣକୁଳ ଥାନା ପଞ୍ଚରିଡ଼ା ଗ୍ରାମର ଜଣେ ଗର୍ଭବତୀ ମହିଳା ସିନ୍ଦୂରିଆ ନିକଟରେ ଥିବା ଏକ ନର୍ସିଂହୋମରେ ଦେଖାଉଥିଲେ। ଗୁରୁବାର ତାଙ୍କର ପ୍ରସବ ବେଦନା ହେବାରୁ ସନ୍ଧ୍ୟା ସମୟରେ ସେ ଉକ୍ତ ନର୍ସିଂହୋମ୍‌କୁ ଯାଇଥିଲେ। ସେଠାରେ ତାଙ୍କର ଅସ୍ତ୍ରୋପଚାର କରାଯିବ ବୋଲି କୁହାଯାଇଥିଲା। ରାତ୍ର ୯ଟାରେ ମହିଳା ଜଣକ ଏକ ପୁତ୍ର ସନ୍ତାନ ଜନ୍ମ ଦେଇଥିଲେ। ହେଲେ କିଛି ସମୟ ପରେ ଚିକିତ୍ସା ଅଭାବରୁ ଶିଶୁଟିର ମୃତ୍ୟୁ ଘଟିଥିବା ଅଭିଯୋଗ ହୋଇଛି। ଏହି ଘଟଣାକୁ କେନ୍ଦ୍ର କରି ଉକ୍ତ ନର୍ସିଂହୋମ୍‌ରେ ଉତ୍ତେଜନା ଦେଖାଦେଇଥିଲା। ପରେ ସକାଳେ ଶିଶୁଟିର ବାପା ଏ ନେଇ ଟାଉନ ଥାନାରେ ଅଭିଯୋଗ କରିଥିବା ସୂଚନା ଦେଇଛନ୍ତି। ବାରମ୍ବାର ଏଭଳି ଘଟଣା ଘଟୁଥିବାରୁ ପ୍ରଶାସନ ଏଥିପ୍ରତି ଦୃଷ୍ଟିଦେଇ ଏହାର ସମାଧାନ କରିବାକୁ ସାଧାରଣରେ ଦାବି ହେଉଛି। ଏ ନେଇ ଟାଉନ ଥାନା ଅଧିକାରୀ ଜୟଦୀପ ମହାନ୍ତିଙ୍କୁ ପଚାରିବାରୁ ସେ ଥାନାରେ ଏଭଳି କିଛି ଅଭିଯୋଗ ହୋଇ ନ ଥିବା ପ୍ରକାଶ କରିଥିଲେ। ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡା. ଶ୍ୱେତ ମହାପାତ୍ର କହନ୍ତି, ଏଭଳି ଘଟଣା ନେଇ ଅଭିଯୋଗ ହୋଇନାହିଁ, ଖବର ପାଇବା ପରେ ଉକ୍ତ ନର୍ସିଂହୋମ୍‌ରେ ଚଢ଼ାଉ କରାଯାଇ ତଦନ୍ତ କରାଯିବ ବୋଲି ସେ ପ୍ରକାଶ କରିଥିଲେ।

## ଭାଙ୍ଗିପଡ଼ିଲା ଅର୍ଦ୍ଧନିର୍ମିତ ବିଦ୍ୟାଳୟ ଗୃହ

ବୋଲଗଡ଼,୯।୮(ଡି.ଏନ.ଏ.)

ବୋଲଗଡ଼ ବ୍ଲକ ଅସରଳା ନୋଡ଼ାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଏକ ଅର୍ଦ୍ଧନିର୍ମିତ ଗୃହର ଚାଳା ଏବଂ କାନ୍ଥ ବୁଧବାର ବର୍ଷାଯୋଗୁ ଭାଙ୍ଗିଯାଇଛି। ପ୍ରାୟ ୮ବର୍ଷ ପୂର୍ବରୁ ନିର୍ମାଣ ଆରମ୍ଭ ହୋଇଥିବା ଘରଟି ଅର୍ଦ୍ଧନିର୍ମିତ ଅବସ୍ଥାରେ ପଡ଼ି ରହିଥିଲା। ଅନୁଦାନ ଅଭାବରୁ ଏହା ସମ୍ପୂର୍ଣ୍ଣ ହୋଇପାରି ନ ଥିବା ସ୍ଥାନୀୟ ଲୋକେ କହିଛନ୍ତି। ପ୍ରଶାସନ ପକ୍ଷରୁ ଗୃହଟିକୁ ତୁରନ୍ତ ସମ୍ପୂର୍ଣ୍ଣ କରିବାକୁ ଗ୍ରାମବାସୀ ଦାବି କରିଛନ୍ତି ।

## ଉପକୂଳରେ ମାଲେସିଆ ଜାହାଜ


କୂଳରେ ଲାଗିଥିବା ଜାହାଜ।

କୃଷ୍ଣପ୍ରସାଦ,୯।୮(ଡି.ଏନ.ଏ.)–

ପୁରୀ ଜିଲା କୃଷ୍ଣପ୍ରସାଦ ବ୍ଲକ ଅନ୍ତର୍ଗତ ବଙ୍ଗୋପସାଗର ଉପକୂଳସ୍ଥ ଖିରିସାହି ନିକଟରେ ଏକ ବିରାଟ ଜାହାଜ ଲାଗିଛି । ଜାହାଜରେ ନାବିକଙ୍କ ସମେତ ୯ଜଣ ସୁରକ୍ଷିତ ଥିବା ଓ ଏହା ମାଲେସିଆରୁ ବିଶାଖାପାଟଣା ଅଭିମୁଖେ ଯାତ୍ରା କରୁଥିବା ସୂଚନା ମିଳିଛି। ଗୁରୁବାର ଏହା ସମୁଦ୍ର ଉପକୂଳରେ ଲାଗିଥିଲେ ମଧ୍ୟ ଶୁକ୍ରବାର ଖବର ଚାରିଆଡେ ପ୍ରସାରିତ ହୋଇଛି । ଜାହାଜକୁ ଦେଖିବା ପାଇଁ ନିକଟସ୍ଥ ଗ୍ରାମବାସୀ ଘଟଣାସ୍ଥଳରେ ପହଞ୍ଚିଛନ୍ତି। ଖବର ପାଇ କୃଷ୍ଣପ୍ରସାଦ ଥାନା ଆଇଆଇସି ସୁଧୀର କୁମାର ସାହୁ, ସବ୍‌ଇନ୍ସପେକ୍ଟର ନାରାୟଣ ପ୍ରଧାନ ସମେତ ବନ ବିଭାଗ କର୍ମକର୍ତ୍ତା ଘଟଣା ସ୍ଥଳରେ ପହଞ୍ଚିଛନ୍ତି। ୨ ଦିନ ଧରି ଲଗାଣ ବର୍ଷା ଓ ଯାନ୍ତ୍ରୀକ ତ୍ରୁଟି ଯୋଗୁ ନାବିକ ଭାରସାମ୍ୟ ହରାଇବା ଫଳରେ ଜାହାଜଟି କୃଷ୍ଣପ୍ରସାଦ ଉପକୂଳ ବାଲି ଉପରେ ଚଢ଼ି ଯାଇଥିବା ଅନୁମାନ କରାଯାଇଛି। ପୋଲିସ ଘଟଣାର ତଦନ୍ତ ଆରମ୍ଭ କରିଛି।

## ପ୍ରଶାସନିକ ନିଷ୍ପତ୍ତିକୁ ବିରୋଧ, ଉଠାଦୋକାନୀଙ୍କ ଧାରଣା

ପୁରୀ ଅଫିସ, ୯।୮

ଶ୍ରୀମନ୍ଦିର ଚତୁଃପାର୍ଶ୍ୱକୁ ନୋ ପାର୍କିଂ ଓ ନୋ ଭେଣ୍ଡିଂ ଜୋନ ଏବଂ ଶ୍ରୀମନ୍ଦିର ପ୍ରଶାସନ କାର୍ଯ୍ୟାଳୟଠାରୁ ସିଂହଦ୍ୱାର ପର୍ଯ୍ୟନ୍ତ ଅଞ୍ଚଳକୁ ବ୍ୟାରିକେଡିଂ କରାଯାଇଛି। ଫଳରେ ଶତାଧିକ ଉଠାଦୋକାନୀଙ୍କୁ ପ୍ରଶାସନ ହଟାଇ ଦେଇଛି। ଏହାକୁ ନେଇ ଉଠାଦୋକାନୀଙ୍କ ମଧ୍ୟରେ ଅସନ୍ତୋଷ ଲାଗି ରହିଥିବାବେଳେ ଶୁକ୍ରବାର ମା' କାକୁଡ଼ିଖାଇ କ୍ଷୁଦ୍ର ବ୍ୟବସାୟୀ ସଂଘ ପକ୍ଷରୁ କାକୁଡ଼ିଖାଇ ଛକ-ସିଂହଦ୍ୱାର ମଧ୍ୟରେ ଧାରଣା ଦିଆଯାଇଥିଲା। ସେମାନେ ଅଭିଯୋଗ କରିଥିଲେ ଯେ, ଉପଜିଲାପାଳ ଆମ୍ଭମାନଙ୍କୁ ଜଗନ୍ନାଥ ବଲ୍ଲଭ ମଠ ଭିତରେ ବ୍ୟବସାୟ କରିବା ଲାଗି ଜାଗା ଦେଖାଇ ଦେଇଥିଲେ। ଏହାପରେ ଆଉ କେତେଜଣ ଉଠଦୋକାନୀଙ୍କୁ ସେଠାରେ ବସିବା ପାଇଁ ଅନୁମତି ଦେଲେ। ଏହାକୁ ନେଇ ଆମ୍ଭମାନଙ୍କ ମଧ୍ୟରେ ଝଗଡ଼ା ସମ୍ଭାବନା ଥିବାରୁ ଆମେ ସେଠାରେ ବସିବା ପାଇଁ ମନା କରିଦେଲୁ। ଏହାଛଡା ଜଗନ୍ନାଥ ବଲ୍ଲଭ ମଠ ଭିତରେ ଆମକୁ କିଛି ଲୋକ ଧମକ ମଧ୍ୟ ଦେଲେ। ସେଠାରେ ଦୋକାନ କଲେ ବସାଇ ଦେବୁନାହିଁ ବୋଲି କହିଲେ। ତେଣୁ ପେଟପାଟଣା ପାଇଁ ଆମେ କାକୁଡ଼ିଖାଇ ଠାକୁରାଣୀଙ୍କ ପାଖରେ ଧାରଣା ଦେବାର ନିଷ୍ପତ୍ତି ନେଇ ଧାରଣାରେ ବସିଥିଲୁ ବୋଲି ସଂଘ କର୍ମକର୍ତ୍ତା କହିଛନ୍ତି।

■ ୭ମ ଆର୍ଥିକ ଜନଗଣନା ସର୍ବେକ୍ଷଣ ଲାଗି ପ୍ରଶିକ୍ଷଣ ଶିବିର

## ସୂଚାରୁରୂପେ ଜନଗଣନା ପାଇଁ ପରାମର୍ଶ

ଖଣ୍ଡପଡ଼ା, ୯।୮(ସ୍ୱ.ପ୍ର.)


କର୍ମଶାଳାରେ ଜନଗଣନା ସମ୍ପର୍କରେ ପ୍ରଶିକ୍ଷଣ ପ୍ରଦାନ କରାଯାଉଛି।

କେନ୍ଦ୍ର ସରକାରଙ୍କ ପରିସଂଖ୍ୟାନ ବିଭାଗ ପକ୍ଷରୁ ଚଳିତ ବର୍ଷ ୭ମ ଆର୍ଥିକ ଜନଗଣନା ସର୍ବେକ୍ଷଣ ପାଇଁ ଖଣ୍ଡପଡା ବ୍ଲକ ଅନ୍ତର୍ଗତ ବାହାଡାଛକଠାରେ ଶୁକ୍ରବାର ଏକ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ଖଣ୍ଡପଡା ବ୍ଲକ ଅଧୀନ ୨୨ ପଞ୍ଚାୟତ ସମେତ ଖଣ୍ଡପଡା ସହରର ୧୩ ୱାର୍ଡରେ କିପରି ସୂଚାରୁ ରୂପେ ଜନଗଣନା କରାଯାଇ ସରକାରଙ୍କୁ ନିର୍ଭୁଲ ଭାବେ ସମସ୍ତ ତଥ୍ୟ ପ୍ରଦାନ କରାଯିବ ସେ ସମ୍ପର୍କରେ ପରାମର୍ଶ ଦିଆଯାଇଥିଲା । ଏହି କର୍ମଶାଳାରେ ନୟାଗଡ ଜିଲା ପରିସଂଖ୍ୟାନ ସହକାରୀ ନିର୍ଦ୍ଦେଶକ ଶଙ୍କର ବେହେରା, କେନ୍ଦ୍ର ସରକାର (ଏନ୍‌ଏସ୍‌ଏସ୍‌ଓ)ଙ୍କ ସହକାରୀ ନିର୍ଦ୍ଦେଶକ ତପନ କୁମାର ମିଶ୍ର, ନୟାଗଡ଼ ଜିଲା ସହଜ କେନ୍ଦ୍ର ପରିଚାଳକ ସୁବାସ ଚନ୍ଦ୍ର ପରିଡା, ଜିଲା ଜନସେବା ସହକାରୀ କୋଅର୍ଡିନେଟର ହିମାଂଶୁ ଶେଖର ସାମଲ, ଖଣ୍ଡପଡା ବ୍ଲକ ଚାମ୍ପିୟନ ଜନସେବା ଅଧିକାରୀ(ଭିଏଲଇ) ଅଜୟ କୁମାର ସାହୁ ପ୍ରମୁଖ ପ୍ରଶିକ୍ଷକ ଭାବେ ଯୋଗଦେଇ ଗଣନା କାର୍ଯ୍ୟ ସମ୍ପର୍କରେ ପ୍ରଶିକ୍ଷଣ ପ୍ରଦାନ କରିଥିଲେ । ବିଭାଗୀୟ ଅଧିକାରୀମାନେ କର୍ମଶାଳାରେ ଯୋଗଦେଇଥିବା ଯୁବତୀ, ଯୁବକମାନଙ୍କୁ ପ୍ରଶିକ୍ଷଣ ପ୍ରଦାନ କରିବା ସହ ଆର୍ଥିକ ଜନଗଣନା ନିମନ୍ତେ ନିୟୋଜିତ ଯୁବତୀ, ଯୁବକମାନେ ଘରକୁ ଘର ବୁଲି ଜନଗଣନା କରି ଠିକ ତଥ୍ୟ ପ୍ରଦାନ କରିବାକୁ ପରିସଂଖ୍ୟାନ ମନ୍ତ୍ରଣାଳୟ ନିର୍ଦ୍ଦେଶ ଦେଇଛନ୍ତି। ଏ ପରିପ୍ରେକ୍ଷୀରେ ସମସ୍ତେ ଯତ୍ନବାନ ହେବାକୁ କର୍ମଶାଳାରେ ପରାମର୍ଶ ଦିଆଯାଇଥିଲା । ବିଶେଷ କରି ୨୦୧୯ରେ ପ୍ରଥମ ଥର ପାଇଁ ମୋବାଇଲ ଆପ ଓ ଜିଓ ଟ୍ୟାଗ ମାଧ୍ୟମରେ ଇକୋନୋମିକ ସର୍ଭେ କରାଯିବ । ମନ୍ତ୍ରଣାଳୟର ନିର୍ଦ୍ଦେଶ କ୍ରମେ ଗଣନାକାରୀମାନେ କିପରି ଗଣନା କାର୍ଯ୍ୟ କରିବେ ଓ ଗଣନା ସମୟରେ ନିର୍ଭୁଲ ଭାବେ ସମସ୍ତ କାର୍ଯ୍ୟ କରିବା ପାଇଁ ଯତ୍ନବାନ ହେବେ ସେ ସମ୍ପର୍କରେ ପ୍ରଶିକ୍ଷକମାନେ ପରାମର୍ଶ ଦେଇଥିଲେ । ନୟାଗଡ ଜିଲାରେ ଚଳିତ ବର୍ଷ ଏହି ଗଣନା କାର୍ଯ୍ୟ ଆସନ୍ତା ୧୭ ତାରିଖରୁ ଆରମ୍ଭ ହେବ ବୋଲି ସୂଚନା ମିଳିଛି । ପ୍ରଶିକ୍ଷଣ ଶିବିରରେ ଖଣ୍ଡପଡା ବ୍ଲକ ଅନ୍ତର୍ଗତ ଖଣ୍ଡପଡା, ଖଳିସାହି, ଶାଳଝରିଆ, ବନମାଳୀପୁର, ଟିକିରିପଡ଼ା, କଇଁଫୁଲିଆର ସହଜ ଜନସେବା କେନ୍ଦ୍ର ପରିଚାଳକ ରଜତ ମହମ୍ମଦ, ଅଜୟ କୁମାର ସାହୁ, ସୁଶାନ୍ତ କୁମାର ପତି, ପ୍ରଭାତ କୁମାର ବାରିକ, ସହଦେବ ସାହୁ, ସନ୍ଦୀପ କୁମାର ମିଶ୍ରଙ୍କ ସମେତ ୨୦ ଭିଏଲଇ ଓ ୮୦ଜଣ ଏନିମିନେଟର ପ୍ରଶିକ୍ଷାର୍ଥୀ ଏହି କର୍ମଶାଳାରେ ଯୋଗଦେଇଥିଲେ । ଏହି କାର୍ଯ୍ୟକ୍ରମକୁ ପ୍ରମୋଦ କୁମାର ନନ୍ଦ ପରିଚାଳନା କରିଥିଲେ। ସୂଚନାଯୋଗ୍ୟ, ଖଣ୍ଡପଡା ବ୍ଲକ ଅନ୍ତର୍ଗତ ୨୨ ପଞ୍ଚାୟତ ଏବଂ ଏନଏସିରେ ୨୪ ସୁପରଭାଇଜର ଓ୧୬୨ଜଣ ଏନିମିନେଟର ଅଛନ୍ତି ।

## ମାଗଣା ଚିକିତ୍ସା ଶିବିର

କୃଷ୍ଣପ୍ରସାଦ,୯।୮(ଡି.ଏନ.ଏ.)

ଫନୀ ବାତ୍ୟାରେ କ୍ଷତିଗ୍ରସ୍ତ ପୁରୀ ଜିଲା କୃଷ୍ଣପ୍ରସାଦ ବ୍ଲକରୁ ଅନ୍ଧତ୍ୱ ଦୂର କରିବା ଲକ୍ଷ୍ୟରେ ବ୍ରହ୍ମପୁର ଇକୋସ୍ ଆଇ ହସପିଟାଲ୍ ତରଫରୁ ଶୁକ୍ରବାର ମାଗଣା ଚକ୍ଷୁ ଚିକିତ୍ସା ଶିବିର ଆରମ୍ଭ ହୋଇଛି । ଏହାର ମୁଖ୍ୟ ପରିଚାଳକ ଡ. ମିହିର ବଳ, ପରିଚାଳିକା ଡ. ଶଶିପ୍ରଭା ସାହୁ କାର୍ଯ୍ୟକ୍ରମର ନେତୃତ୍ୱ ନେଇଛନ୍ତି । ବଜ୍ରକୋଟ ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ବିଭାଗୀୟ ଡାକ୍ତର ସୁରେଶ ଚନ୍ଦ୍ର ପାଣିଗ୍ରାହୀ, ଶ୍ରୀମାନ ଭୂୟାଁଙ୍କ ଦ୍ୱାରା ୨୩ରୁ ଊର୍ଦ୍ଧ୍ୱ ରୋଗୀଙ୍କ ଚକ୍ଷୁ ପରୀକ୍ଷା କରାଯାଇଥିଲା । ସେହିଭଳି ବୁଦ୍ଧିବର ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ହରିଶ୍ଚନ୍ଦ୍ର ସାହୁ ୩୦ରୁ ଊର୍ଦ୍ଧ୍ୱ ରୋଗୀଙ୍କ ଚକ୍ଷୁ ପରୀକ୍ଷା କରିଥିଲେ । ମାଗଣାରେ ଅପରେଶନ ନିମନ୍ତେ ରୋଗୀମାନଙ୍କୁ ବ୍ରହ୍ମପୁରସ୍ଥିତ ଇକୋସ୍ ଆଇ ହସପିଟାଲକୁ ନିଆଯାଇଥିଲା ।


ଶିବିରରେ ଯୋଗ ଦେଇଥିବା ଡାକ୍ତର ଓ ରୋଗୀ।

## ଗଣିଆ ବ୍ଲକରେ ବୁଲିଲା ସଚେତନତା ରଥ


'ବାଲ୍ୟବିବାହକୁ ନା' ରଥକୁ ସ୍ୱାଗତ କରାଯାଉଛି ।

ଗଣିଆ,୯।୮(ଡି.ଏନ.ଏ.)

ନୟାଗଡ଼ ଜିଲା ଗଣିଆ ବ୍ଲକରେ ବାଲ୍ୟ ବିବାହ ଦିନକୁ ଦିନ ବଢିବାରେ ଲାଗିଛି । ଗତ କିଛିଦିନ ତଳେ କରଡ଼ାପଡ଼ା ପଞ୍ଚାୟତର କଳାଶିମିଳି ଓ ବେଲପଡ଼ା ପଞ୍ଚାୟତର ରାଉତପଡ଼ା ଗ୍ରାମରେ ବାଲ୍ୟବିବାହକୁ ରୋକା ଯାଇଥିଲା । ନୟାଗଡ଼ ଜିଲାପାଳଙ୍କ ତତ୍ତ୍ୱାବଧାନରେ ଜିଲା ଚାଇଲ୍ଡଲାଇନ ପ୍ରୋଟେକ୍ସନ ଅଫିସରଙ୍କ ମାଧ୍ୟମରେ ଜିଲାର ସମସ୍ତ ବ୍ଲକରେ 'ବାଲ୍ୟବିବାହକୁ ନା' ସଚେତନତା ରଥ ଭ୍ରମଣ କରି ଲୋକମାନଙ୍କୁ ସଚେତନତା ବାର୍ତ୍ତା ପ୍ରଦାନ କରିବ । ଗଣିଆ ବ୍ଲକରେ ଚଳିତ ମାସ ୯ ଓ ୧୦ ତାରିଖ ଧାର୍ଯ୍ୟ କରାଯାଇଥିବାବେଳେ ଶୁକ୍ରବାର ପୂର୍ବାହ୍ନରେ ଗଣିଆ ସିଡିପିଓ କାର୍ଯ୍ୟାଳୟଠାରେ ଏହି ସଚେତନତା ରଥକୁ ସ୍ୱାଗତ କରାଯାଇଥିଲା । ଏବିଡିଓ ସରୋଜ କୁମାର ନାୟକ, ସିଡିପିଓ ଲକ୍ଷ୍ମୀ ଦାସ, ସମସ୍ତ ସୁପରଭାଇଜରଙ୍କ ଉପସ୍ଥିତିରେ ଅଙ୍ଗନୱାଡ଼ିକର୍ମୀ ଓ ସ୍ୱୟଂସହାୟକ ଗୋଷ୍ଠୀମାନଙ୍କ ଦ୍ୱାରା ରଥକୁ ବନ୍ଦାପନା କରାଯାଇ ସ୍ୱାଗତ କରାଯାଇଥିଲା। ଏହାପରେ ଏହି ରଥ ଗଣିଆ ବ୍ଲକର ଗଣିଆ, କିଶୋରପ୍ରସାଦ, ଆଡ଼କଟା, କରଡ଼ାପଡ଼ା, ବେଲପଡ଼ା ଓ ରାସଙ୍ଗ ଆଦି ୬ଗୋଟି ପଞ୍ଚାୟତରେ ଭ୍ରମଣ କରି ଲୋକମାନଙ୍କୁ ସଚେତନତା ବାର୍ତ୍ତା ପ୍ରଦାନ କରିଥିଲା । ଶନିବାର ଛାମୁଣ୍ଡିଆ ଓ ବଡ଼ସିଲିଙ୍ଗା ପଞ୍ଚାୟତରେ ଏହି ରଥ ଭ୍ରମଣ କରିବବୋଲି ସିଡିପିଓ ଜଣାଇଛନ୍ତି।

## ବେଢ଼ାରେ ଜମିଛି ପାଣି, ଭକ୍ତଙ୍କ ଦର୍ଶନରେ ବାଧା

**ଶ୍ରୀଲୋକନାଥ ମନ୍ଦିର**

ପୁରୀ ଅଫିସ, ୯।୮


ଶ୍ରୀଲୋକନାଥ ମନ୍ଦିର ପରିସରରେ ଜଳାର୍ଣ୍ଣବ।

ପ୍ରସିଦ୍ଧ ଶୈବପୀଠ ଶ୍ରୀଲୋକନାଥ ମନ୍ଦିରରେ ପାଣି ଜମିଛି। ପ୍ରାୟ ଫୁଟେ ଉଚ୍ଚର ପାଣି ଭିତର ବେଢ଼ାରେ ଜମି ଥିବାରୁ ଭକ୍ତଙ୍କ ଦର୍ଶନରେ ବାଧା ଉପୁଜିଛି। ବର୍ଷା ପାଣି ଜମି ରହିଥିବାରୁ ଏଣେତେଣେ ଅଳିଆ ଆବର୍ଜନା ଭାସି ପରିମଳ ବ୍ୟବସ୍ଥାକୁ ବିଗାଡ଼ି ଦେଇଛି। ଏହାକୁ ନେଇ ଲୋକନାଥ ମନ୍ଦିରର ସେବାୟତମାନେ କ୍ଷୋଭ ପ୍ରକାଶ କରିଛନ୍ତି। ଆସନ୍ତା ସୋମବାର ଶ୍ରାବଣ ମାସର ଶେଷ ସୋମବାର। ହଜାର ହଜାର କାଉଡ଼ିଆ ଭକ୍ତ ଜଳ ଲାଗି ପାଇଁ ଆସିବେ। ତେଣୁ ତା ପୂର୍ବରୁ ବେଢ଼ା ପରିସରରୁ ପ୍ରଶାସନ ଜଳ ନିଷ୍କାସନ କରିବା ଦରକାର ବୋଲି ସେବାୟତ କହିଛନ୍ତି।

ଅସରାଏ ବର୍ଷା ହେଲେ ଲୋକନାଥ ମନ୍ଦିରରେ ଅଭାବନୀୟ ପରିସ୍ଥିତି ସୃଷ୍ଟି ହେଉଛି। ନିଷ୍କାସନ ସୁବିଧା ନ ଥିବାରୁ ଦୀର୍ଘଦିନ ପର୍ଯ୍ୟନ୍ତ ପାଣି ଜମି ରହୁଛି। ତୁରନ୍ତ ଜଳ ନିଷ୍କାସନ ଲାଗି କୌଣସି ପଦକ୍ଷେପ ନିଆଯାଉ ନ ଥିବାରୁ ଭକ୍ତ ଓ ସେବାୟତ ଅସୁବିଧା ଭୋଗୁଛନ୍ତି। ନିକଟରେ ହୋଇଥିବା ବର୍ଷା ଯୋଗୁ ମନ୍ଦିରରେ ଏହିପରି ଅଚଳାବସ୍ଥା ସୃଷ୍ଟି ହୋଇଛି। ଏଥିଯୋଗୁ ଠାକୁରଙ୍କ ସେବାପୂଜା କରିବାରେ ସେବାୟତମାନେ ଅସୁବିଧା ଭୋଗିଥିବାବେଳେ ଭକ୍ତମାନେ ମଧ୍ୟ ଯା ଆସ କରିବାରେ ସମସ୍ୟାରେ ପଡିଛନ୍ତି। ପାଣି ଦେଖି କିଛି ଶ୍ରଦ୍ଧାଳୁ ଫେରି ଯାଉଥିବା ବେଳେ ମନ୍ଦିର କାର୍ଯ୍ୟାଳୟ ପକ୍ଷରୁ ପଛ ଗେଟ୍ ଭକ୍ତଙ୍କ ଲାଗି ଖୋଲା ରଖାଯାଇଛି। କିନ୍ତୁ ଅନେକ ଶ୍ରଦ୍ଧାଳୁ ଏହା ଜାଣି ନ ପାରି ଫେରିଯାଉଥିବା ଜଣାପଡିଛି। ଏହାକୁ ନେଇ ସେବାୟତ ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ସେବାୟତ ସନ୍ତୋଷ କୁମାର ପଣ୍ଡା କହିଛନ୍ତି ଯେ, ବର୍ତ୍ତମାନ ବେଢା ପରିସରରେ ପ୍ରାୟ ୧ ଫୁଟ ଉଚ୍ଚର ପାଣି ଜମିଛି। ଫଳରେ ଭକ୍ତମାନେ ପାଣି ଦେଖି ଫେରି ଯାଉଛନ୍ତି। ଆଗକୁ ଶ୍ରାବଣ ସୋମବାର। ତେଣୁ ପ୍ରଶାସନ ତୁରନ୍ତ ଜଳ ନିଷ୍କାସନ ଲାଗି ବ୍ୟବସ୍ଥା କରିବା ଦରକାର। ଏ ସମ୍ପର୍କରେ ଲୋକନାଥ ମନ୍ଦିର ମ୍ୟାନେଜର ଅପଚ୍ଛ ପରିଡ଼ା କହିଛନ୍ତି, ଶ୍ରୀଲୋକନାଥ ମନ୍ଦିର ଖାଲୁଆ ଅଞ୍ଚଳରେ ରହିଛି। ମନ୍ଦିର ପରିସରରେ ଜଳ ନିଷ୍କାସନ ଲାଗି କୌଣସି ସ୍ଥାୟୀ ବ୍ୟବସ୍ଥା ନାହିଁ। ତେଣୁ ବର୍ଷା ହେଲେ ପାର୍ବତୀ ସାଗରର ଜଳ ପତନ ଯାହା ରହୁଛି ମନ୍ଦିର ବେଢାରେ ସେହି ଉଚ୍ଚତାର ପାଣି ଜମୁଛି। ବର୍ତ୍ତମାନ ବେଢାରେ ଯେଉଁ ପାଣି ଜମିଛି ତାହାକୁ ରବିବାର ମୋଟର ଲଗାଇ ନିଷ୍କାସନ କରାଯିବ। ସୋମବାର ବୋଲ୍‌ବମ ଭକ୍ତମାନେ ଯେପରି ଜଳ ଲାଗି ପାଇଁ କୌଣସି ପ୍ରକାର ଅସୁବିଧାର ସମ୍ମୁଖୀନ ନ ହେବେ ତାହା ଉପରେ ଗୁରୁତ୍ୱ ଦିଆଯାଇଛି।